# ମୁଖ୍ୟମନ୍ତ୍ରୀଙ୍କ ପାଇଁ ଖଗସା ପଞ୍ଚାୟତରେ ପ୍ରଚାର



**ତୁରେକେଲା, ୧୦।୫(ସମିସ):** ଚଳିତବର୍ଷ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରୁ ବିଜୁ ଜନତା ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଥିବାରୁ କମ୍ପୁଛି ପ୍ରଚାର ମୌଦାନ। ଶୁକ୍ରବାର ବଲାଙ୍ଗିର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ନିରୁପମା ମାଝୀଙ୍କ ନେତୃତ୍ୱରେ ତୁରେଇକେଲା ବ୍ଲକ ଅଧୀନ ଖଗସା ପଞ୍ଚାୟତରେ ବିଧାୟକ ପ୍ରାର୍ଥୀ ନବୀନ ପଟ୍ଟନାୟକ ଓ ଲୋକସଭାପ୍ରାର୍ଥୀ ସୁରେନ୍ଦ୍ର ସିଂହ ଭୋଇଙ୍କ ସପକ୍ଷରେ ସବୁ ଗାଁରେ ନିର୍ବାଚନ ପ୍ରଚାର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଚାର ମୌଦାନରେ କଣ୍ଟାବାଞ୍ଜି ନିର୍ବାଚନୀ ସଂଯୋଜକ ପ୍ରଶାନ୍ତ ସେଠୀ ଯୋଗଦେଇ ଗାଁ କୁ ଗାଁ ଯାଇ ନବୀନ ସରକାର ଯୋଜନା ସମ୍ପର୍କରେ କହିଥିଲେ। ଆଜି କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀକୁ ପ୍ରଗତି ପଥରେ ଆଗେଇ ନେବାକୁ ମୁଖ୍ୟମନ୍ତ୍ରୀ ଆପଣମାନଙ୍କ ପାଖକୁ ଆସୁଛନ୍ତି, ଆପଣଙ୍କ ଅଞ୍ଚଳ ବିକାଶ ଦୁଇଗୁଣିତ କରିବାକୁ ବିଧାୟକ ପ୍ରାର୍ଥୀ ଓ ଲୋକସଭା ପ୍ରାର୍ଥୀ ୨ ଟି ଶଙ୍ଖରେ ଭୋଟଦେଇ ବିଜୟୀ ନିବେଦନ କରିଥିଲେ। ଏହି ପ୍ରଚାର ସମୟରେ ବିଜୁ ମହିଳା ଜନତା ଦଳ ଜିଲ୍ଲା ସାଧାରଣ ସମ୍ପାଦିକା ପିଙ୍କି ଖର୍ସେଲ, କଣ୍ଟାବାଞ୍ଜି ନଗର ସଭପତି ବିଷ୍ଣୁ ଜୁଏଡ, ସମିତି ସଭ୍ୟ ପଦ୍ମା ସମ୍ରଦ, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ବରିଷ୍ଠ ନେତା ଶ୍ରୀଧର ମାଝୀଙ୍କ ସହ ଏକାଧିକ ବିଜୁ ଜନତା ଦଳ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

ବିଲ୍ ଫାଇଲ୍‌ରେ ଦସ୍ତଖତ ପାଇଁ ଟଙ୍କା କାରବାର ଘଟଣା

# ଲାଞ୍ଚ ଟଙ୍କା ଫେରାଇ ମାମଲା ଚାପିବାକୁ ଷଡ଼ଯନ୍ତ୍ର

**ବଲାଙ୍ଗିର/ଲୋଇସିଂହା, ୧୦।୫(ସମିସ)**

ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ କାର୍ଯ୍ୟାଳୟରେ ଉନ୍ନତିମୂଳକ କାମରେ ଟଙ୍କା କାରବାର ଘଟଣା ସାମ୍ନାକୁ ଆସିବାପରେ କିଛି ଅସାଧୁ କର୍ମଚାରୀ ଏବେ ହରଡ଼ଘଣାରେ ପଡ଼ିଛନ୍ତି। ସେମାନଙ୍କୁ ବିଡିଓ କାରଣ ଦର୍ଶାଅ ନୋଟିସ ଜାରି କରିଥିବା ବେଳେ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଅନ୍ୟପକ୍ଷରେ ଉକ୍ତ ଲାଞ୍ଚଟଙ୍କାକୁ ପୁଣି ଫେରାଇ ଦିଆଯାଇଥିବା ଜଣାପଡ଼ିଛି। ପୂର୍ବରୁ ମଧ୍ୟ ମାମଲାକୁ ଚାପିଦେବାକୁ ଉଦ୍ୟମ ଚାଲିଥିବା ବେଳେ ଏବେ ବି ଏହି ଅଭିଯୋଗକୁ ଚାପିଦେବାକୁ ବ୍ଲକ ପ୍ରଶାସନ ଷଡଯନ୍ତ୍ର ଆରମ୍ଭ କରିଛି। ତଳିଆଙ୍କ ମୁଣ୍ଡରେ ଦୋଷ ଲଦିଦେଇ ଏହି କାରବାରରେ ଲିପ୍ତଥିବା କ୍ୟାସିୟର ଓ କମ୍ପ୍ୟୁଟର ପ୍ରୋଗ୍ରାମର ଖସି ଯିବାକୁ ଉଦ୍ୟମ କରୁଥିବା ସ୍ପଷ୍ଟ ହୋଇଛି। ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକରୁ ଏକ ଦୁର୍ଭାଗ୍ୟଜନକ ଘଟଣା ସାମ୍ନାକୁ ଆସିଥିଲା। ଏକ ଉନ୍ନତିମୂଳକ କାମର ବିଲ୍ ଫାଇଲକୁ କିଛି ଅସାଧୁ କର୍ମଚାରୀ ଟଙ୍କା ପାଇଁ ଚାପିଦେଇଥିଲେ। ଉକ୍ତ ଫାଇଲରେ ଦସ୍ତଖତ କରିବା ପାଇଁ କ୍ୟାସିୟର ଜଣେ ପିଅନଙ୍କ ସହ କଥା ହେବାକୁ କହିଥିଲେ। ଉକ୍ତ ପିଅନ ଜଣକ ଅସ୍ଥାୟୀ କର୍ମଚାରୀ ହୋଇଥିବାବେଳେ ସେ ଚାରି ଜଣ ବରିଷ୍ଠ କିରାଣିଙ୍କ ପାଇଁ ୬ହଜାର ୬ ଶହ ଟଙ୍କା ଦେବାକୁ କହିଥିଲେ। ଉକ୍ତ ଟଙ୍କା ସେ ଆଉ ଜଣେ ପିଅନଙ୍କ ଫୋନ୍‌ପେ ଆକାଉଣ୍ଟରେ ଦେବାକୁ କହିଥିଲେ। ଏହି ଟଙ୍କା ମିଳିବାପରେ ଦୁଇ ଘଣ୍ଟା ଭିତରେ ବିଲ ହୋଇଥିଲା। ଏହି କାରବାରର ରେକର୍ଡିଂ, ଫୋନପେ ସ୍ଲିପ ସାମ୍ନାକୁ ଆସିବା ପରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ବ୍ଲକରେ ଆଲୋଡନ ସୃଷ୍ଟି ହୋଇଥିଲା। କିଛିବର୍ଷ ଧରି ଚାଲିଥିବା ଏହି କାରବାର ସାମ୍ନାକୁ ଆସିଯିବାରୁ ବ୍ଲକ ପ୍ରଶାସନ ବିବାଦୀୟ ହୋଇଥିଲା। ତେବେ ଏହାକୁ ଚାପିଦେବାକୁ ଆରମ୍ଭରୁ ହିଁ ଉଦ୍ୟମ କରାଯାଉଥିବା ଦେଖିବାକୁ ମିଳିଛି। ଏହି ଘଟଣାରେ ଚାପ ବଢ଼ିବା ପରେ ବିଡିଓ ଅନିଚ୍ଛା ସତ୍ୱେ ବରିଷ୍ଠ କିରାଣିମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଅନ୍ୟଦୁଇ ଜଣ ପିଅନଙ୍କ ମୁଣ୍ଡରେ ଏହି ଦୋଷ ଲଦିଦେଇ କିରାଣିମାନଙ୍କୁ ସୁରକ୍ଷା ଦିଆଯାଉଥିବା ଦେଖିବାକୁ ମିଳିଛି। ଏନେଇ ଫୋନ ପେ' ଆକାଉଣ୍ଟ ଥିବା ପିଅନଙ୍କ କହିବା ଅନୁସାରେ ସେ ଏହି ଟଙ୍କା ବିଷୟରେ ଜାଣି ନ ଥିଲେ। ତାଙ୍କୁ କେବଳ ରବି ନାମକ ଏକ ପିଅନ ନମ୍ବର ମାଗିଥିଲା ସେ ଦେଇଥିଲେ ବୋଲି କହିଛନ୍ତି। ଏନେଇ ସେ ବିଡିଓଙ୍କୁ ମଧ୍ୟ ଜଣାଇଥିବା କହିଛନ୍ତି। ଅନ୍ୟପକ୍ଷରେ ଏହି ରବି ନାମକ ପିଅନ କିଏ! ଦୈନିକ ପାଉଣା ହିସାବରେ ନିୟୋଜିତ ହୋଇଥିବା ପିଅନଙ୍କ ଜରିଆରେ ଉକ୍ତ କିରାଣି ମାନେ ଏହି ବେଆଇନ କାରବାର କରୁଥିବାବେଳେ ଆଜି ପର୍ଯ୍ୟନ୍ତ ତାଙ୍କ ବିରୋଧରେ ବିଡିଓ କାର୍ଯ୍ୟାନୁଷ୍ଠାନ ନେଇନାହାନ୍ତି। ଅପରପକ୍ଷେ ଦସ୍ତଖତ ବାବଦକୁ ନେଇଥିବା ଲାଞ୍ଚ ଟଙ୍କାକୁ ଶୁକ୍ରବାର ଫେରାଇ ଦିଆଯାଇଥିବା ଜଣାପଡ଼ିଛି। ଅର୍ଥାତ ଟଙ୍କା ନେବା ଘଟଣା ସତ। ସବୁ ପ୍ରକାର ପ୍ରମାଣ ଓ ସୂଚନା ସତ୍ୱେ ବିଡିଓଙ୍କ ନୀରବତା ସମସ୍ତଙ୍କୁ ଚକିତ କରିଛି। ଏନେଇ ପ୍ରତିକ୍ରିୟା ପାଇଁ ବାରମ୍ବାର ବିଡିଓ ଅକ୍ଷୟପାଣି ଉଲ୍ଲୁଙ୍କୁ ଫୋନ କଲେ ସେ ଉଠାଉ ନ ଥିବାରୁ ପ୍ରତିକ୍ରିୟା ମିଳିପାରି ନାହିଁ।

# ବିଜେଡିରେ ଯୋଗଦେଲେ ଅନ୍ୟ ଦଳର ୧୦୦ରୁ ଊର୍ଦ୍ଧ୍ୱ କର୍ମୀ



**ପାଟଣାଗଡ଼, ୧୦।୫(ସମିସ):** ପାଟଣାଗଡ଼ ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ପାଟଣାଗଡ଼ ବ୍ଲକ ଦଳଦଳି, ଦମକିପାଲି ଓ ଟୁଲାଦୋରୋ ଗ୍ରାମର ୧୦୧ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ କର୍ମୀ ମୁଖ୍ୟମନ୍ତ୍ରୀ ମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ବିଧାୟକ ସରୋଜ ମେହେରଙ୍କ ବିକାଶଧାରାରେ ଅନୁପ୍ରାଣିତ ହୋଇ ?ଧି ବଦ୍ଧ ଭାବେ ବିଜେଡି ଦଳରେ ଯୋଗ ଦେଇଥିଲେ। ବିଧାୟକ ଦଳୀୟ ଉତ୍ତରୀୟ ଦେଇ ନବାଗତ କର୍ମୀଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ମିଶ୍ରଣ ପର୍ବରେ ବିଧାୟକଙ୍କ ସହ ପାଟଣାଗଡ଼ ବ୍ଲକ ଅଧ୍ୟକ୍ଷ ନୀଳାକାନ୍ତ ବାଗ, ବରିଷ୍ଠ ବିଜେଡି କର୍ମୀ ପ୍ରଦୀପ ପୁରୋହିତ, ସହଦେବ ପୁରୋହିତ, ବିଧାୟକ ନୋମିନି ହିମାଞ୍ଚଳ ପଧାନ, ମିଡିଆ ପ୍ରଭାରୀ ଟୁଟୁ କୁମ୍ଭାରଙ୍କ ସହ ବିଜେଡିର ଅନେକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଆଦର୍ଶ ବିଦ୍ୟାଳୟ ଛାତ୍ରୀଙ୍କୁ ବ୍ଲାକ୍‌ବେଲ୍ଟ

**ଦେଓଗାଁ, ୧୦।୫(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅଧୀନ ଚନ୍ଦ୍ରପୁର ଆଦର୍ଶ ବିଦ୍ୟାଳୟର ଛାତ୍ରୀ ଅଭିପ୍ସା ହୋତାଙ୍କୁ କରାଟେରେ ବ୍ଲାକ୍‌ବେଲ୍ଟ ସଫଳତା ମିଳିଛି। ଏହି ସଫଳତା ପରେ ଦେଓଗାଁ ତଥା ଆଦର୍ଶ ବିଦ୍ୟାଳୟରେ ଖୁସୀର ଲହରି ଖେଳିଯାଇଛି। ବଲାଙ୍ଗିର ଗାନ୍ଧୀ ଷ୍ଟାଡିୟମଠାରେ କରାଟେ ସ୍କୁଲର ବେଲ୍ଟ ପରୀକ୍ଷା ଆୟୋଜିତ ହୋଇଥିଲା। ଏଥିରେ ଜିଲ୍ଲାର ମୋଟ ୩୦ଜଣ ବାଳିକା ବାଳକ ଅଂଶଗ୍ରହଣ କରିଥିବା ବେଳେ ୨୬ଜଣଙ୍କୁ ୟୋଲୋ, ଅରେଞ୍ଜ, ଗ୍ରୀନ, ବ୍ଲୁବ୍ଲାକ ଆଦି ବେଲ୍ଟ ପ୍ରଦାନ କରାଯାଇଥିଲା। ଏଥିରେ ଏକମାତ୍ର ପ୍ରତିଯୋଗୀ ଭାବେ ଅଭିପ୍ସାଙ୍କୁ ବ୍ଲେକବେଲ୍ଟରେ ସମ୍ମାନିତ କରାଯାଇଥିଲା। କରାଟେ ସ୍କୁଲର ସମ୍ପାଦକ ହୃଦୟ ଶବରଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ଶାରୀରିକ ଶିକ୍ଷା ନୀରିକ୍ଷକ ପ୍ରଦୀପ କୁମାର ପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ବେଲ୍ଟ ଓ ମାନପତ୍ର ପ୍ରଦାନ କରିଥିଲେ।



# ଅଖିମୁଠି ଅନୁକୂଳ କଲେ ସମରେନ୍ଦ୍ର



**ବଲାଙ୍ଗିର, ୧୦।୫(ସମିସ):** ପବିତ୍ର ଅକ୍ଷୟ ତୃତୀୟା ଅବସରରେ ବଲାଙ୍ଗିର ସଦର ବ୍ଲକ ଅଧୀନ ବୈଦିପାଲି ପଞ୍ଚାୟତ ବରଗାଁ ଗ୍ରାମରେ ଅକ୍ଷିମୁଠି କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହୋଇଯାଇଛି। ଚାଷୀନେତା ସୌମେନ୍ଦ୍ର ପରିଚ୍ଛାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବଲାଙ୍ଗିର ବିଧାନସଭା ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅକ୍ଷିମୁଠି କାର୍ଯ୍ୟକ୍ରମ ଅନୁକୂଳ କରିଥିଲେ। ପ୍ରଥମେ ବିଧାୟକ ପ୍ରାର୍ଥୀ ଶ୍ରୀ ମିଶ୍ର ବରଗାଁସ୍ଥିତ ଚାଷ ଜମିରେ ହଳ ନଙ୍ଗଳ ବୁଲାଇବା ସହ ପୂଜାର୍ଚ୍ଚନା କରି ସାତ ମୁଠି ଧାନ ଚାଷ ଜମିରେ ବୁଣିଥିଲେ। ପରେ ସମବେତ ଚାଷୀ ଭାଇମାନଙ୍କ ଉଦ୍ଦେଶ୍ୟରେ ବିଧାୟକ ପ୍ରାର୍ଥୀ ଶ୍ରୀମିଶ୍ର ଉପସ୍ଥିତ ଜନତାଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମହେଶ୍ୱର ପଟେଲ, ସୁଧୀର ପଟେଲ, ଅଶୋକ ଗୁରୁ, ନବୀନ ବୁଡେକ, ରମେଶ ପଟେଲ, ପରମେଶ୍ୱର ଭୋଇ, ଅଲେଟର ଗୁରୁ, ଲକ୍ଷ୍ମୀଧର ବୁଡେକ, ଧିରମନ ଗୁରୁ, ଟିକେମନ ବାଗ, ଗଣ୍ଡାରାମ ବାଗ ଏବଂ ରୁକ୍ମଣି ପଟେଲଙ୍କ ସହ ବହୁ ଚାଷୀ ଭାଇ ଉପସ୍ଥିତ ଥିଲେ।

# ଅଞ୍ଚଳର ବିକାଶ ହେଉଛି ମୋର ପ୍ରଥମ କର୍ତ୍ତବ୍ୟ: ଟୁକୁନି ସାହୁ



**ସଇଁତଳା, ୧୦।୫(ସମିସ):** ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟିକା ପ୍ରାର୍ଥୀ ଟୁକୁନି ସାହୁ ସଇଁତଳା ବ୍ଲକର ବିଭିନ୍ନ ଗାଁରେ ମାରାଥନ ପ୍ରଚାର କରିଛନ୍ତି। ପ୍ରଥମେ ଗଣ୍ଡପତ୍ରାପାଲି ସ୍ଥିତ ଫପସି ଛକ ଠାରେ ବୁଜୁ ଜନତା ଦଳର କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। ପରେ ଶତାଧିକ କର୍ମୀ ମାନଙ୍କ ସହ ଫପସି ଗାଁକୁ ଯାଇ ପ୍ରଚାର କରିଥିଲେ। ପରେ ଗଣ୍ଡପତ୍ରାପାଲିର ବିଭିନ୍ନ ଗାଁ କୁ ଯାଇ ପ୍ରଚାର କରିବା ସହ ଭତାସରରେ ମଧ୍ୟ ପ୍ରଚାର କରିଥିଲେ। ଏହାସହ ପରେ କୁଇକେଡା ପଞ୍ଚାୟତର ରେଙ୍ଗାଳି, ଡଙ୍ଗାବାହଲ, କୁଜାରପଡ଼ା ଓ ପତ୍ରାପାଲି ଗାଁକୁ ଯାଇ ବିଭିନ୍ନ କର୍ମୀ ମାନଙ୍କ ସହ ଆଗାମୀ ଦିନରେ କି ପରି ଭାବେ ରାଜ୍ୟ ସରକାର ଙ୍କ ଯୋଜନାକୁ ଏହି ପଞ୍ଚାୟତ ରେ ବିନିଯୋଗ କରାଯାଇପାରିବ ତା ନେଇ କର୍ମୀ ମାନଙ୍କ ସହ ଆଲୋଚନ କରିଥିଲେ। ଧରବଗଡ଼ ପଞ୍ଚାୟତର ବିଭିନ୍ନ ଗାଁ କୁ ଯାଇ ପ୍ରଚାର କରିଥିଲେ। ଅନ୍ୟ ପଟେ ସେ ଜଣେ ମହିଳା ହୋଇଥିବା ବେଳେ ନିଜ ପରିବାରକୁ ଧ୍ୟାନ ଦେବାସହ ନିଷ୍ଠାପରଭାବେ ଟିଟିଲାଗଡ଼ ସମେତ ସଇଁତଳାର ବିକାଶ ପାଇଁ କାମ କରୁଥିବାରୁ ଲୋକ ମାନଙ୍କ ମହଲରେ ପ୍ରଂଶସାର ପାତ୍ର ହୋଇ ପାରିଛନ୍ତି ମନ୍ତ୍ରୀ ଶ୍ରମତୀ ସାହୁ।

ବିଜେଡିର ବିରାଟ ଶୋଭାଯାତ୍ରା

# କମ୍ପିଲା କଣ୍ଟାବାଞ୍ଜି ସହର

**କଣ୍ଟାବାଞ୍ଜି, ୧୦।୫(ସମିସ):** ନିର୍ବାଚନ ଯେତେ ପାଖେଇ ଆସୁଛି, ଗାଁଠାରୁ ସହର ସବୁଠି ଜମୁଛି ପ୍ରଚାର। ଶୁକ୍ରବାର ଅପରାହ୍ନରେ କଣ୍ଟାବାଞ୍ଜି ସହରର ଗୋରୁବଜାର ଠାରୁ ଏକ ବିରାଟ ଶୋଭାଯାତ୍ରା ମାଧ୍ୟମରେ ସହର ୱାର୍ଡ ନଂ ୧୧, ୧୨, ୧୩ ପରିକ୍ରମା କରି କଣ୍ଟାବାଞ୍ଜି ବିଧାୟକ ପ୍ରାର୍ଥୀ ନବୀନ ପଟ୍ଟନାୟକ ଓ ଲୋକସଭା ପ୍ରାର୍ଥୀ ସୁରେନ୍ଦ୍ର ସିଂହ ଭୋଇଙ୍କୁ ଭୋଟ ଦେବାକୁ ଜନ ସାଧାରଣଙ୍କୁ ନିବେଦନ କରିଥିଲେ। ଏହି ଶୋଭାଯାତ୍ରାରେ କଣ୍ଟାବାଞ୍ଜି ପୌରପରିଷଦ ନିର୍ବାଚନ ସଂଯୋଜକ ମଣ୍ଟୁ ନାଏକ, ବଲାଙ୍ଗିର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷ ନିରୁପମା ମାଝୀ, କଣ୍ଟାବାଞ୍ଜି ବିଜେଡି ନିର୍ବାଚନ ସହ ସଂଯୋଜକ ଦୁର୍ଗାପ୍ରସାଦ ସାମନ୍ତ ରାୟ, ପ୍ରଶାନ୍ତ ସେଠୀ, ରାଜ୍ୟଯୁବ ସମ୍ପାଦକ ଅଜିତ ଯୋଶୀ, ଜିଲ୍ଲା ସାଧାରଣ ସମ୍ପାଦକ ରାଜେନ୍ଦ୍ର ବେହେରା, ସମ୍ପାଦିକା ପିଙ୍କି ଖର୍ସେଲ, କାଉନସିଲର ସୂର୍ଯ୍ୟପ୍ରତାପ ମିଶ୍ରଙ୍କ ସହ ହଜାର ହଜାର ମହିଳା ଓ ପୁରୁଷ ସାମିଲ ହୋଇଥିଲେ।



# ଅଘରିଆ ସମାଜ ତରଫରୁ ଅକ୍ଷୟ ତୃତୀୟା ପାଳିତ



**ବଲାଙ୍ଗିର, ୧୦।୫(ସମିସ):** ବଲାଙ୍ଗିର ଲର୍କିପାଲି କୃଷିଫାର୍ମ ନିକଟରେ ବଲାଙ୍ଗିର ଜିଲ୍ଲା ଅଖିଳ ଭାରତୀୟ ୮୪ ଘର ଅଘରିଆ ସମାଜ ତରଫରୁ ଅକ୍ଷୟ ତୃତୀୟା ପାଳିତ ହୋଇଯାଇଚି। ଅଘରିଆ ସମାଜର କୃଷକ ମଞ୍ଚ ସଭାପତି ଉଦୟ ନାଏକଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସଭାରେ ଜିଲ୍ଲା ସଭାପତି ଶୁଭ୍ରାଂଶୁ ଶେଖର ପଟେଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଖିମୁଠି ଅନୁକୂଳ କରିଥିଲେ। ବଲାଙ୍ଗିର ମଣ୍ଡଳ ସଭାପତି ଗୋବିନ୍ଦ ପଟେଲ ଓ ସଦେଇପାଲି ଗୁଡ଼ି ସଭାପତି ରାମେଶ୍ୱର ନାଏକ ଅତିଥି ଭାବେ ଯୋଗଦେଇ ଚାଷ ସମ୍ପର୍କିତ ବକ୍ତବ୍ୟ ପ୍ରଦାନ କରିଥିଲେ। ଲର୍କିପାଲିର ସଫଳ ଚାଷୀ ନରହରି ରାଉତ ସ୍ୱାଗତ ଭାଷଣ ସହ ଅଥିତି ପରିଚୟ କରିଥିଲେ। କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି, ଗୁଡ଼ି ସଭାପତି, କେନ୍ଦ୍ରକର୍ମକର୍ତ୍ତା, ଉପଦେଷ୍ଟା ମଣ୍ଡଳୀ, କୃଷକ ମଞ୍ଚ, ମହିଳା ମଞ୍ଚ, ଯୁବା ମଞ୍ଚ, ପୁସ୍ତକ କମିଟି, ନିର୍ମାଣ କମିଟି, ଶିକ୍ଷା କମିଟି ଓ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଦିଗାମ୍ବର ନାଏକ ଧନ୍ୟବାଦ ଦେଇଥିଲେ।

# ବଲାଙ୍ଗିରରେ ଅକ୍ଷୟ ତୃତୀୟା ପାଳିତ



**ବଲାଙ୍ଗିର, ୧୦।୫(ସମିସ):** ବଲାଙ୍ଗିରରେ ଜିଲ୍ଲାସ୍ତରୀୟ ଅକ୍ଷୟ ତୃତୀୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବଲାଙ୍ଗିରରେ ଆଖିମୁଠି ଅନୁକୂଳ ହୋଇଯାଇଛି। ଜିଲ୍ଲା କୃଷି ବିଭାଗ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଏହି ପର୍ବ ପାଳନ କରାଯାଇଛି। ବଲାଙ୍ଗିର ସହର ଉପକଣ୍ଠ ଲକିପାଲିସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରଶାନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅକ୍ଷୟ ତୃତୀୟା ପର୍ବ ପାଳିତ ହୋଇଥିଲା। ବଲାଙ୍ଗିର ଜିଲ୍ଲାପାଳ ଗୌରବ ଶିବାଜୀ ଇସର ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଅକ୍ଷୟ ତୃତୀୟା କୃଷକଙ୍କ ମୁଖ୍ୟ ପର୍ବ ହୋଇଥିବାରୁ ଏହି ଅବସରରେ ଜିଲ୍ଲାପାଳ ଜିଲ୍ଲାର ଚାଷୀକୂଳଙ୍କୁ ଶୁଭେଚ୍ଛା ଜଣାଇବା ସହ ଭଲବର୍ଷା ଓ ଫସଲ ଅମଳ ପାଇଁ କାମନା କରିଥିଲେ। କାର୍ଯ୍ୟକ୍ରମରେ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ପ୍ରଫୁଲ୍ଲ ଭଞ୍ଜ, ପ୍ରକଳ୍ପ ନିର୍ଦ୍ଦେଶକ ଜଳଛାୟା ପ୍ରକଳ୍ପ ମହିତୋଷ ଦାଶ, କେବିକେ ବୈଜ୍ଞାନିକ ସତ୍ୟମୟ ଶତପଥୀ, କୃଷିନିର୍ବାହୀ ଯନ୍ତ୍ରୀ ଲାସା ମୁର୍ମୁ, ଟିଟିଲାଗଡ଼ ଅତିରିକ୍ତ ଜିଲ୍ଲା କୃଷି ଅଧିକାରୀ ଲାଲ୍‌ବିହାରୀ ମଲ୍ଲିକ ଓ ପାଟଣାଗଡ଼ ଅତିରିକ୍ତ ଜିଲ୍ଲାକୃଷି ଅଧିକାରୀ ବାବୁଲି ସେଠୀଙ୍କ ସହ କୃଷି ବିଭାଗ ଅଧିକାରୀ ଓ କର୍ମଚାରୀ ଉପସ୍ଥିତଥିଲେ ବ୍ଲକକୃଷି ଅଧିକାରୀ ସୁଧାକର ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ବୃଦ୍ଧଙ୍କ ଉପରେ ମାଡ଼ିଗଲା ହାଇୱା

# ଦେଢ଼ଘଣ୍ଟା ରାଜପଥ ଅବରୋଧ; ଡ୍ରାଇଭର ଅଟକ

**ଦେଓଗାଁ, ୧୦।୫(ସମିସ)**

ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅଧୀନ ଦେଓଗାଁ କଲେଜଛକଠାରେ ଏକ ଟିପ୍ପ ବୋଝେଇ ହାଇୱା ଚାପାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତବ୍ୟକ୍ତି ଜଣକ ହେଲେ ଗାଇବାହାଲ ପଞ୍ଚାୟତ ଅଧୀନ ସାଗରପାଲି ଗାଁର ମହେଶ୍ୱର ରଣା (୬୨)। ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବାସହ ହାଇୱାକୁ ଜବତ କରି ଡ୍ରାଇଭରକୁ ଥାନାରେ ଅଟକରଖି ଅଧିତ ତଦନ୍ତ ଚଲାଇଥିବା ଥାନାଧିକାରୀ ହରୀବନ୍ଧୁ ଗଡ଼ତ୍ୟା ସୂଚନା ଦେଇଛନ୍ତି। ଦୁର୍ଘଟଣାପରେ ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖାଦେବା ସହ ପରିବାର ଲୋକେ ତଥା ଅଞ୍ଚଳର ଜନସାଧାରଣଙ୍କ ଦ୍ୱାରା ବରଗଡ଼ -ବୋରିଗୁମ୍ମା ୨୬ ନଂ ଜାତୀୟ ରାଜପଥକୁ ଦେଢ଼ଘଣ୍ଟା ଧରି ଅବରୋଧ କରାଯାଇଥିବା ବେଳେ ସ୍ଥାନୀୟ ତହସିଲଦାର ବିକ୍ରମ କେଶରୀ ନାୟକ ଘଟଣାସ୍ଥଳରେ ପହଞ୍ଚି ରେଡ୍‌କ୍ରସରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ଗାଡି ମାଲିକ କିଛି ସହାୟତା ଦେବାପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ପରେ ଶବକୁ ବଲାଙ୍ଗିର ପଠାଯାଇ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି। ମହେଶ୍ୱର କୌଣସି କାମ ପାଇଁ ଦେଓଗାଁକୁ ଆସି ସାଇକେଲରେ ଘରକୁ ଫେରୁଥିବା ବେଳେ ବହଲି ନିକଟସ୍ଥ ଏକ କ୍ରସରରୁ ଟିପ୍ପ ବୋଝେଇ ହୋଇଆସୁଥିବା ହାଇୱା ପଛପଟୁ ଧକ୍କା ଦେଇ ଘୋଷାଡି ନେଇଥିଲା। ଫଳରେ ଘଟଣାସ୍ଥଳରେ ମହେଶ୍ୱରଙ୍କ ମୃତ୍ୟୁ ଘଟିଥିଲା। ବେପରୁଆ ଗାଡି ଚାଳନା ଯୋଗୁଁ ଉକ୍ତ ଛକରେ ନିୟମିତଭାବେ ଦୁର୍ଘଟଣା ଘଟି ଧନଜୀବନ ଯାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।



# କାଳବୈଶାଖୀ ପ୍ରଭାବରେ ଉଡ଼ାଇ ନେଲା ଛପର

## ଭିଜିଲା ଚାଉଳ, ମୁଗ ଓ ଆସବାବପତ୍ର





**କେଗାଁ, ୧୦।୫(ସମିସ)**

କେଉଁଠି ଥିଲା ସେ କାଳବୈଶାଖୀ ହଠାତ ମାଡ଼ି ଆସିଲା ଆଉ ନିମିଷକ ମାତ୍ରେ ଉଜାଡ଼ି ଦେଲା କିଛି ଲୋକଙ୍କ ଘର ସଂସାର। ଗୋଲାମୁଣ୍ଡା ଅଞ୍ଚଳରେ ଗୁରୁବାର ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ବର୍ଷା ଓ ପବନ ବୋହିବା ସହିତ କରକାପାତ ମଧ ହୋଇଛି। ଅପରାହ୍ନ ୫ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦୀର୍ଘ ଦେଢ଼ ଘଣ୍ଟା ଧରି ପବନ ବୋହିବା ସହିତ ବର୍ଷା ଓ କରକାପାତ ହୋଇଥିଲା। ଆକାଶ ସମ୍ପୂର୍ଣ୍ଣ ନିର୍ମଳ ଥିବାବେଳେ ପାଗ ବେଶ ଅନୁକୂଳ ଥିଲା। ଅପରାହ୍ନ ବେଳକୁ ଧିରେଧିରେ ପବନ ବୋହିବା ଆରମ୍ଭ କରିଥିଲା। ଧିରେଧିରେ ପବନର ପ୍ରକୋପ ବଢ଼ିବା ସାଙ୍ଗକୁ ବର୍ଷା ଓ କୁଆପଥର ପଡ଼ିବାରୁ ବାହାରେ ଥିବା ଲୋକମାନେ କିଏ ଘର ଭିତରକୁ ଚାଲି ଯାଇଥିଲା ତ ଆଉକେହି ଆଖପାଖ ଆଶ୍ରୟସ୍ଥଳୀ ଦେଖି ନିରାପଦ ସ୍ଥାନକୁ ଚାଲି ଯାଇଥିଲା। ବର୍ଷା ସାଙ୍ଗକୁ ପବନର ବେଗ ତୀବ୍ର ହେବାରୁ ଅନେକ ସ୍ଥାନରେ ଛୋଟବଡ଼ ଗଛ ଉପୁଡ଼ି ପଡ଼ିଥିଲା। ଏପରିକି ଏକ ଘଣ୍ଟାରୁ ଉର୍ଦ୍ଧ୍ୱ ଜନଜୀବନ ପ୍ରଭାବିତ ହୋଇଛି। ବିଶେଷ କରି ଗୋଲାମୁଣ୍ଡା, ମାନଝରୀ ଓ ଉଦେଶୁରୁଙ୍ଗ ପଞ୍ଚାୟତ ବିଶେଷ ପ୍ରଭାବିତ ହୋଇଛି। ବହୁ ସ୍ଥାନରେ ଗଛ ଭାଙ୍ଗି ପଡ଼ିବା ସହ ଚାଳ ଛପର ଘର କ୍ଷତିଗ୍ରସ୍ତ ହୋଇଛି। ଏହି କାଳବୈଶାଖୀର ପ୍ରଭାବରେ ମାନଝରି ଗ୍ରାମ ଭିମାମାଲ ପଡ଼ାର ଝଜନ ତେଜି (୬୨)ଙ୍କ ନବନିର୍ମିତ ଘରର ଆଜବେଷ୍ଟସ୍ ସମ୍ପୂର୍ଣ୍ଣ ଭାବେ ଉଡ଼ାଇ ନେଇ ଭାଙ୍ଗି ଦେଇଛି। ବର୍ଷା ଯୋଗୁ ଘରେ ଥିବା ଚାଉଳ, ମୁଗ ଏବଂ ଅନ୍ୟାନ୍ୟ ଆସବାବପତ୍ର ପାଣିରେ ଭିଜି ଯାଇଛି। ଘରର ଖୋଲା ଛାତ ତଳେ ପରିବାରର ୭ ଜଣ ସଦସ୍ୟ ସମ୍ପୂର୍ଣ୍ଣ ଭିଜି ଯାଇଥିଲେ। ଝଜନଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବା ବେଳେ କୁଲି କାମ କରି ପରିବାର ପ୍ରତିପୋଷଣ କରନ୍ତି। ସେ ବହୁ କଷ୍ଟରେ ଧାର କରଜ କରି ମୁଣ୍ଡ ଗୁଞ୍ଜିବାକୁ ୨ବଖରା ଘରଟିଏ ତିଆରି କରିଥିଲେ। ମାତ୍ର ତାଙ୍କ ଉପରେ କାଳବୈଶାଖୀ ଦାଉ ସାଧିଛି। କ୍ଷତିଗ୍ରସ୍ତ ଝଜନଙ୍କ ପରିବାରକୁ ବ୍ଲକ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସରକାରୀ ସହାୟତା ପାଇଁ ଗ୍ରାମବାସୀ ଦାବି ଜଣାଇଛନ୍ତି।

# କଳାହାଣ୍ଡି ଜିଲ୍ଲା ଶାଖା ପକ୍ଷରୁ ବିଶ୍ୱ ରେଡ୍‌କ୍ରସ୍ ଦିବସ ପାଳିତ

**ଭବାନୀପାଟଣା, ୧୦।୫(ସମିସ):** ଭାରତୀୟ ରେଡ୍‌କ୍ରସ୍ ସୋସାଇଟି, କଳାହାଣ୍ଡି ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବିଶ୍ୱ ରେଡ୍‌କ୍ରସ୍ ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲ୍ଲା ରେଡ୍‌କ୍ରସ ସମ୍ପାଦିକା ସୌଦାମିନୀ ମାଝୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ରେଡ୍‌କ୍ରସ୍ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ରେଡ୍‌କ୍ରସ୍‌ର ଆଜୀବନ ସଦସ୍ୟ ଭବାନୀ ଶଙ୍କର ପଣ୍ଡା, ତପନ ଦାସ, ସୁଧୀର ପଣ୍ଡା, ବିଶ୍ୱରଞ୍ଜନ ବେହେରା, ରଜନୀକାନ୍ତ ଜେନା, ଚନ୍ଦ୍ରଚୁଡ଼ ବେହେରା, ଅଶୋକ ପଣ୍ଡା, ଶଙ୍କର ଦଳେଇ ପ୍ରମୁଖ ଯୋଗ ଦେଇ ଚଳିତ ବର୍ଷର ବିଷୟବସ୍ତୁ 'ମାନବିକତାକୁ ଜୀବନ୍ତ ରଖିବା' ବିଷୟରେ ଆଲୋଚନା କରିଥିଲେ। ଜିଲ୍ଲା ଯୁବ ରେଡ୍‌କ୍ରସ୍ ସଂଯୋଜକ ଶାନ୍ତନୁ ପରିଡ଼ା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଓ ସୁନୀଲ ଶତପଥୀ ଧନ୍ୟବାଦ ଦେଇଥିଲେ। ବଟକୃଷ୍ଣ ଆଚାରୀ, ଜ୍ୟୋତିର୍ମୟୀ ଜୟଶ୍ରୀ, ପର୍ଶୁରାମ ଦୁର୍ଗା, ନିର୍ମଳ ଜାଲି, ମନପତି ଜାନୀ, ବେଣୁଧର ନାଏକ, ବିଶ୍ୱଜିତ୍ ସାହୁ ଓ ହରି ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସ୍ଥାନୀୟ ରକ୍ତ ଭଣ୍ଡାର ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା।

# ରୁପ୍ରାରୋଡ୍ ଶ୍ରୀଜଗନ୍ନାଥ ମନ୍ଦିରରେ ଅକ୍ଷୟ ତୃତୀୟା

**ନର୍ଲା/ରୁପ୍ରାରୋଡ଼, ୧୦।୫(ସମିସ):** ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଚାଷ ଅନୁକୂଳ ସହ ଚାଷୀଙ୍କ ପାଇଁ ଏକ ନୂଆ ଋତୁର ଆରମ୍ଭ ହୁଏ। ଭୂମିପୂଜା, ଗୋପୂଜା, ହଳ ଲଙ୍ଗଳ ପୂଜା କରି ଚାଷୀ ଚାଷ କାର୍ଯ୍ୟର ଶୁଭାରମ୍ଭ କରିଥାଏ। ଏହି ପବିତ୍ର ତିଥିରେ ଶୁକ୍ରବାର ରୁପ୍ରାରୋଡ ଶ୍ରୀଜଗନ୍ନାଥ ମନ୍ଦିରରେ ରୀତିନୀତି ସହ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଅଞ୍ଚଳର ଚାଷୀମାନଙ୍କ ଶୁଭ ମନାସି ମହାପ୍ରଭୁଙ୍କୁ ପୂଜାର୍ଚ୍ଚନା ସହ ଅକ୍ଷୀମୁଠି ଅନୁକୂଳ କରାଯାଇଛି। ମହାବାହୁଙ୍କ ରୀତିନୀତି ସହ ମନ୍ଦିର ପରିସରରେ ଏହି ଅବସରରେ ଚାରି ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି।



ମନ୍ଦିର ପୁରୋହିତ ପଣ୍ଡିତ ଅଜିତ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ନାମଯଜ୍ଞରେ ପ୍ରଫୁଲ୍ଲ ମହାନ୍ତି ଓ ତାଙ୍କ ସହଧର୍ମିଣୀ କୁସୁମ ମଞ୍ଜରୀ କର୍ତ୍ତା ଭାବରେ ଯଜ୍ଞରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୂଜାର୍ଚ୍ଚନା ସହ ଅକ୍ଷୀମୁଠି ଅନୁକୂଳ କରି ଚାଷୀକୂଳଙ୍କ ଶୁଭ ମନାସି ଥିଲେ। ମନ୍ଦିରର ପ୍ରତିଷ୍ଠାତା ସ୍ୱର୍ଗତ ଡ଼.ସାଧୁରାମ ଅଗ୍ରୱାଲଙ୍କ ପୁତ୍ର ସୁନିଲ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ଶତାଧିକ ଶ୍ରଦ୍ଧାଳୁ ଯଜ୍ଞ ସ୍ଥଳରେ ଉପସ୍ଥିତ ରହି ମହାପ୍ରଭୂଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

# ମନୋରମାଙ୍କ ପ୍ରଚାରରେ କଳାକାର ଓ ସିନେତାରକା ସାମିଲ





**ନର୍ଲା, ୧୦।୫(ସମିସ):** ଆଉ ଦୁଇ ଦିନ ପରେ ମତଦାନ। ବିଭିନ୍ନ ଦଳର ପ୍ରାର୍ଥୀମାନେ ପ୍ରଚାରରେ ମତଦାତାଙ୍କୁ ନିଜ ସପକ୍ଷରେ ଆଣିବା ପାଇଁ ନିବେଦନ କରୁଛନ୍ତି। କଳେବଳେ କୌଶଳେ ଯଥାସମ୍ଭବ ଭୋଟ ହାତେଇବାକୁ ଉଦ୍ୟମ ଜାରି ରଖିଛନ୍ତି। ଇତି ମଧ୍ୟରେ ନର୍ଲା ବିଧାନସଭା ଆସନରେ ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ମନୋରମା ମହାନ୍ତିଙ୍କ ପ୍ରଚାରରେ ମହିଳା, ପୁରୁଷଙ୍କ ସହ ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ ମଧ ସାମିଲ ହୋଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ଓ ଅଞ୍ଚଳର ବୋହୂ ତଥା ସ୍ଥାନୀୟ ପ୍ରାର୍ଥୀ ଭାବରେ ମନୋରମା ମହାନ୍ତିଙ୍କୁ ଭୋଟ୍ ଦେଇ ବିଜୟୀ କରିବା ପାଇଁ ପ୍ରଚାରରେ ବୁଲୁଛନ୍ତି। ଶୁକ୍ରବାର ଶ୍ରୀମତୀ ମହାନ୍ତି ନର୍ଲା ଜିଲ୍ଲା ପରିଷଦ ଜୋନ୍-୧ ର ଭୀମକେଲା ପଞ୍ଚାୟତ ସହିତ ରୁପ୍ରା, ମୁସ୍କୁଟି, ଗିଗିନା, ଭାନପୁର ଆଦି ନଅଟି ପଞ୍ଚାୟତରେ ନିର୍ବାଚନୀ ପ୍ରଚାର ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାର୍ତ୍ତା ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପଚିଶ ବର୍ଷର ନିର୍ବିବାଦୀୟ ଛବି ଓ କାର୍ତ୍ତିକ ପାଣ୍ଡିଆନଙ୍କ ନେତୃତ୍ୱରେ ଓଡ଼ିଶାର ରୁପାନ୍ତରଣ କାର୍ଯ୍ୟକ୍ରମ ସାଧାରଣ ଲୋକଙ୍କୁ ଗ୍ରହଣୀୟ ହୋଇଛି। ଦଳମତ ନିର୍ବିଶେଷରେ ଅଞ୍ଚଳବାସୀ ଏକ ସ୍ୱଚ୍ଛ ଓ ନିର୍ମଳ ଶାସନକୁ ବଳବତ୍ତର ରଖିବା ପାଇଁ ବଦ୍ଧ ପରିକର ଥିବା ଦେଖାଯାଇଛି। ଶ୍ରୀମତୀ ମହାନ୍ତିଙ୍କ ପ୍ରଚାରରେ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ କଳାକାର ରୁକୁ ସୁନା ମଧ ସାମିଲ ହୋଇ ବିଜୁ ଜନତା ଦଳକୁ ସମର୍ଥନ କରି ଶଙ୍ଖ ଚିହ୍ନରେ ଭୋଟ୍ ଦେବା ପାଇଁ ଲୋକଙ୍କୁ ନିବେଦନ କରିଥିଲେ। ଏହାସହ ନର୍ଲା ଜୋନ୍ ୨ରେ ଓଡ଼ିଶା ଚଳଚ୍ଚିତ୍ର ଜଗତର ସୁନାମଧନ୍ୟ କଳାକାର ମାନେ ମଧ ବିଜୁ ଜନତା ଦଳର ସାଂସଦ ପ୍ରାର୍ଥୀ ଲମ୍ବୋଦର ନିଆଲ ଓ ବିଧାୟକ ପ୍ରାର୍ଥୀ ମନୋରମା ମହାନ୍ତିଙ୍କ ପ୍ରତି ସମର୍ଥନ ବ୍ୟକ୍ତ କରି ଶଙ୍ଖ ଚିହ୍ନରେ ଭୋଟ୍ ଦେବା ପାଇଁ ନିବେଦନ କରିଛନ୍ତି। ଶୁକ୍ରବାର ଓଡ଼ିଶା ଚଳଚ୍ଚିତ୍ର ଜଗତର ସୁନାମଧନ୍ୟ କଳାକାର ସମ୍ମିତ ଆଚାରୀ ଓ ସୁପ୍ରିୟା ନାଏକ ଶାନ୍ତପୁର, ଗୋହିରାପଦର, ଘଣ୍ଟମାଲ, ଆଡ୍ରାଙ୍ଗ୍, ରାଣିପଟା, ଗାଡେବନ୍ଧ, ଶରିଆ ଆଦି ଅଞ୍ଚଳ ବୁଲି ବିଧାୟିକା ପ୍ରାର୍ଥୀ ମନୋରମା ମହାନ୍ତିଙ୍କୁ ସମର୍ଥନ କରିବା ପାଇଁ ନିବେଦନ କରିଥିଲେ। ସାଥୀରେ ଶାନ୍ତପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଟିକେଧର ସାହୁ, ଘଣ୍ଟମାଲ ସରପଞ୍ଚ ଦେବେନ୍ଦ୍ର ସା ପ୍ରମୁଖଙ୍କ ସହ ବହୁ ସଂଖ୍ୟାରେ ବିଜେଡି ସମର୍ଥକ ସାମିଲ ହୋଇଥିଲେ।

# ଅକ୍ଷୟ ତୃତୀୟା ଅବସରରେ ସରବତ ବଣ୍ଟନ

**କେସିଙ୍ଗା, ୧୦।୫(ସମିସ):** କଳାହାଣ୍ଡି ଜିଲ୍ଲାର ଅଗ୍ରଣୀ ସଙ୍ଗଠନ କେସିଙ୍ଗାର ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଅକ୍ଷୟ ତୃତୀୟା ଅବସରରେ ଭୀଷଣ ତାତିକୁ ଦୃଷ୍ଟିରେ ରଖି କେସିଙ୍ଗା ସହରରେ ଶୁକ୍ରବାର ଥଣ୍ଡା ଘୋଳଦହି ସରବତ ବଣ୍ଟନ କରାଯାଇଛି। ଶହ ଶହ ସଂଖ୍ୟାରେ ଦୂରଦୂରାନ୍ତର ଯାତ୍ରୀମାନଙ୍କ ସହିତ ଅଞ୍ଚଳର ଜନସାଧାରଣ ଦହି ସରବତର ମଜା ଉଠାଇଥିଲେ।




# ଶୀତଳଷଷ୍ଠୀ ପାଇଁ କୋଶଳେଶ୍ୱର ମନ୍ଦିରରୁ ଉଠିଲା ଥାଳ

**ନୂଆପଡ଼ା/ଖଡ଼ିଆଳ, ୧୦।୫(ସମିସ):** ପବିତ୍ର ଅକ୍ଷୟ ତୃତୀୟାରୁ ଶୀତଳ ଷଷ୍ଠୀ ଓ ଶିବ ବିବାହ ପାଇଁ ଖଡିଆଳସ୍ଥିତ ଶ୍ରୀ କୋଶଳେଶ୍ୱର ମନ୍ଦିରରେ ଥାଳଉଠା ପର୍ବ ଅନୁଷ୍ଠିତ ହୋଇଯାଇଛି। ପୂଜକ ଯୋଷୀ ମନ୍ତ୍ର ପାଠ କରି ପୂଜାର୍ଚ୍ଚନା କରିଥିଲେ। ଟ୍ରଷ୍ଟ ତରଫରୁ ଜୟଦେବ ହୋତା, କୈଳାସ ଅଗ୍ରୱାଲ, ମେଜର ଡଃ ରାମଚନ୍ଦ୍ର ମିଶ୍ର ଉପସ୍ଥିତ ଥିଲେ। ପରେ ଯେଉଁ ଭକ୍ତ କନ୍ୟାପିତା, ବରପିତା ହେବେ ସେମାନେ ଦରଖାସ୍ତ ଦେବା ପାଇଁ ଟ୍ରଷ୍ଟ ତରଫରୁ ଅନୁରୋଧ କରାଯାଇଛି। କାର୍ଯ୍ୟକ୍ରମରେ ସହରର ବିଭିନ୍ନ ପ୍ରାନ୍ତରୁ ଶତାଧିକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ।



# କେସିଙ୍ଗା ବିଜେଡିର ପ୍ରଚାର ମଙ୍ଗ ଧରିଛନ୍ତି ନଗରପାଳ ଏବଂ ଟାଉନ ସଭାପତି

**କେସିଙ୍ଗା, ୧୦।୫(ସମିସ):** ଚଳିତ ନିର୍ବାଚନରେ ନେତା ଓ କର୍ମୀମାନଙ୍କ ଆଖିରେ ନିଦ ନାହିଁ। ନିଜ ଦଳୀୟ ପ୍ରାର୍ଥୀଙ୍କୁ କଳେବଳେ କୌଶଳେ ଜିତାଇବା ପାଇଁ ଦିନରାତି ଏକ କରି ଦେଇଛନ୍ତି। କେସିଙ୍ଗା ବିଜେଡିର ପ୍ରଚାରରେ ମଙ୍ଗ ଧରିଛନ୍ତି ଖୋଦ୍ କେସିଙ୍ଗା ନଗରପାଳ ନୃପରାଜ ଯାଦବ ଓ ଟାଉନ ସଭାପତି ରମେଶ ପଟ୍ଟନାୟକ। ଉଭୟ ପ୍ରତ୍ୟେକ ଦିନ ପ୍ରଚାର କାର୍ଯ୍ୟ ସହ ସଭା ସମିତି ସାଙ୍ଗକୁ ମିଶ୍ରଣ ପର୍ବ କରୁଛନ୍ତି। କେସିଙ୍ଗା ବିଜେଡିର ଏହି ଆଗଧାଡିର ନେତା ଓ କର୍ମୀମାନେ ଥକି ନାହାନ୍ତି। ସକାଳ ହେଲେ ନିଜର କୋଡ଼ିଏ ପଚିଶ ଅନୁଗତଙ୍କୁ ଧରି ପହଞ୍ଚି ଯାଉଛନ୍ତି କୌଣସି ନା କୌଣସି ୱାର୍ଡକୁ ପ୍ରଚାର ପାଇଁ। ଯୋଡି ଶଙ୍ଖରେ ଭୋଟ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଭୋଟରଙ୍କୁ ନିବେଦନ କରୁଛନ୍ତି। ଏହି ପ୍ରଚାରରେ ସହଯୋଗ କରୁଛନ୍ତି ବିଜେଡି ଯୁବ ନେତା ଶିଲୁ ପରିଡ଼ା, ଯୁବ ସଭାପତି ରଞ୍ଜନ ବେହେରାଙ୍କ ସମେତ ସମସ୍ତ ୧୦ଟି ୱାର୍ଡର କାଉନସିଲର ଓ ବିଜେଡିର ତୃଣମୂଳ ସ୍ତରର କର୍ମଠ କର୍ମକର୍ତ୍ତା।

# ସମାଜସେବୀ ବିମଳାକାନ୍ତ ପଣ୍ଡାଙ୍କ ପରଲୋକ

**ଜୟପାଟଣା, ୧୦।୫(ସମିସ):** ଜୟପାଟଣାର ଜଣାଶୁଣା ସମାଜସେବୀ ବିମଳା କାନ୍ତ ପଣ୍ଡା (୫୩)ଙ୍କର ଚିକିତ୍ସାଧୀନ ଅବସ୍ଥାରେ ବରଗଡ଼ର ଏକ ଘରୋଇ ହସ୍ପିଟାଲରେ ଗୁରୁବାର ମଧ୍ୟରାତ୍ରିରେ ପରଲୋକ ହୋଇଯାଇଛି। ଗତକାଲି ହଠାତ୍ ଶରୀର ଅସୁସ୍ଥ ହେବାରୁ ତାଙ୍କୁ ତୁରନ୍ତ ଭବାନୀପାଟଣା ଓ ପରେ ବରଗଡ଼ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ହେଁ ଚିକିତ୍ସାଧୀନ ଅବସ୍ଥାରେ ଗତ ରାତିରେ ମୃତ୍ୟୁ ହୋଇଯାଇଥିଲା। ସ୍ୱର୍ଗତ ପଣ୍ଡା ଜଣେ ସମାଜସେବୀ ଭାବରେ ଜଗନ୍ନାଥ ସେବା ସମିତି ଗଠନ କରି ଗରିବଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ। ଜୟପାଟଣା ପଞ୍ଚାୟତର ନାଏବ ସରପଞ୍ଚ ରହିବା ପରେ ଜଣେ ସାମ୍ବାଦିକ ଭାବରେ ନିଜକୁ ନିୟୋଜିତ କରି ଅନ୍ୟମାନଙ୍କ ସେବାରେ ନିଜକୁ ସମର୍ପିତ କରିଥିଲେ। ଆଜି ସକାଳେ ଜୟପାଟଣାସ୍ଥିତ ତାଙ୍କ ବାସଭବନରେ ଶବ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶରେ ଶତାଧିକ ଲୋକ ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ପଣ୍ଡାଙ୍କ ଦୁଇ ଝିଅ ଥିବାବେଳେ ବଡ଼ଭାଇ ବିରଜା କାନ୍ତ ପଣ୍ଡା ମୁଖାଗ୍ନି ଦେଇଥିଲେ।



● କୋକସରା ବ୍ଲକ୍‌ରେ ୯୧, ୩୭୬ ଭୋଟର

# ୧୦୨ଟି ବୁଥ୍‌ରେ କରିବେ ମତ ସାବ୍ୟସ୍ତ

**କୋକସରା, ୧୦।୫(ସମିସ):** ଧର୍ମଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୋକସରା ବ୍ଲକର ୨୨ ଗୋଟି ପଞ୍ଚାୟତରେ ସମୁଦାୟ ୯୧ ୩୭୬ ଭୋଟର ରହିଛନ୍ତି। ଏହି ମତଦାତାମାନେ ୧୦୨ଟି ବୁଥରେ ନିଜର ମତଦାନ କରିବେ। ପୁରୁଷ ଭୋଟର୍ ୪୬୦୦୬ ରହିଥିବା ବେଳେ ମହିଳା ଭୋଟରଙ୍କ ସଂଖ୍ୟା ୪୫୩୬୯ ରହିଛନ୍ତି। ଜଣେ ତୃତୀୟ ଲିଙ୍ଗ ଭୋଟର ରହିଥିବା ସୂଚନା ମିଳିଛି। ଆସନ୍ତା ମେ ୧୩ ତାରିଖରେ କଳାହାଣ୍ଡି ଲୋକସଭା ଆସନ ସମେତ ୭ଗୋଟି ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟ ଗ୍ରହଣ କରାଯିବ। ତେବେ ଚଳିତ ନିର୍ବାଚନରେ ଧର୍ମଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରେ ସମୁଦାୟ ୧୨ଜଣ ପ୍ରାର୍ଥୀ ନିର୍ବାଚନ ମୈଦାନରେ ଅବତୀର୍ଣ୍ଣ। ତିନି ପ୍ରମୁଖ ଦଳ ବିଜେଡ଼ି, ବିଜେପି ଓ କଂଗ୍ରେସ ସମେତ ବିଭିନ୍ନ ଦଳରୁ ୭ଜଣ ପ୍ରାର୍ଥୀ ରହିଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ଭାବେ ୫ଜଣ ନିର୍ବାଚନ ଲଢୁଛନ୍ତି। ତେବେ ନିର୍ବାଚନକୁ ମାତ୍ର ଦୁଇ ଦିନ ରହିଥିବା ବେଳେ କୋକସରା ଅଞ୍ଚଳର ଭୋଟରମାନେ ମତଦାନ କରିବା ପାଇଁ ବେଶ ଉତ୍ସାହିତ ରହିଛନ୍ତି।

# ବିଜେପି ଲୋକସଭା ପ୍ରାର୍ଥିନୀ ମାଳବିକା ସିଂଦେଓଙ୍କ ରୋଡ୍ ସୋ

**କେସିଙ୍ଗା, ୧୦।୫(ସମିସ):** ଭୋଟଗ୍ରହଣ ତାରିଖ ଯେତିକି ପାକେଇ ଆସୁଛି ପ୍ରାର୍ଥୀମାନଙ୍କ ପ୍ରଚାର ସେତିକି ଜୋର୍ ଧରୁଛି। କିଏ ଦିନରେ ତ ଆଉ କିଏ ରାତିରେ ପ୍ରଚାର କାର୍ଯ୍ୟ ଜାରି ରଖିଛନ୍ତି। କଳାହାଣ୍ଡି ଲୋକସଭା ଆସନରେ ବିଜେପି ପ୍ରାର୍ଥିନୀ ମାଳବିକା ସିଂଦେଓ ଏକ ବାଇକ ଶୋଭାଯାତ୍ରା ସହ ରୋଡ ସୋ କରି ଜନସାଧାରଣଙ୍କ ଠାରୁ ଭୋଟ ଭିକ୍ଷା କରିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସାଂସଦ ଅର୍କକେଶରୀ ଦେଓ, କେସିଙ୍ଗା ନଗର ସଭାପତି ମଗନ ସିନ୍ଦୂର, ବରିଷ୍ଠ ବିଜେପି ନେତା କୈଳାଶ ଚନ୍ଦ୍ର ଜୈନ୍, ଜିଲ୍ଲା ସାଧାରଣ ସଂପାଦକ ସନ୍ତୋଷ କୁମାର ଦାସ, ବିଜେପି ସାଧାରଣ ସଂପାଦକ ପ୍ରିତେସ ପଟେଲ, ସତ୍ୟବ୍ରତ ଦାସ, ପ୍ରଶାନ୍ତ ବାନାର୍ଜୀ, ସଞ୍ଜୟ ଜୈନ୍, ଯୁବମୋର୍ଚ୍ଚା ସଭାପତି ପିଙ୍କୁ ପରିଡ଼ା ଓ ଧରଣୀଧର ନାଏକ ପ୍ରମୁଖ ସାମିଲ ଥିଲେ।



# ଜମୁଛି ତାଳସଜ ବେପାର

**ଭବାନୀପାଟଣା, ୧୦।୫ (ସମିସ):** ବିଭିନ୍ନ ଫଳ ମଧ୍ୟରେ ତାଳସଜ ଟିକେ ନିଆରା। ଏହା ସ୍ୱାଦିଷ୍ଟ ହୋଇଥିବା ବେଳେ ତା'ର ଚାହିଦା ମଧ କିଛି କମ ନୁହଁ। ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ସାଧାରଣ ଜୀବନଯାତ୍ରା ବ୍ୟାହତ ହେଉଛି। ଗତ କିଛିଦିନ ହେବ କଳାହାଣ୍ଡି ଜିଲ୍ଲାରେ ୪୩ରୁ ୪୫ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ର ରେକର୍ଡ ହୋଇଛି। ଟାଣ ଖରାରେ ପଶୁପକ୍ଷୀଙ୍କଠାରୁ ମଣିଷଙ୍କ ପର୍ଯ୍ୟନ୍ତ ସମସ୍ତେ ଗରମରେ ସିଝୁଛନ୍ତି। ଏହି ଖରା ଦାଉରୁ ଟିକେ ତ୍ରାହି ପାଇଁ କିଏ ଲସି ପିଉଛି ତ ଆଉ କିଏ ପଇଡ଼, କିଏ ପୁଣି ଆଖୁ ରସ ତ କିଏ ତଣ୍ଡା ପିଉଛି। କିନ୍ତୁ ଏହାରି ଭିତରେ ତାଳସଜ ସମସ୍ତଙ୍କୁ ଅକୃଷ୍ଟ କରୁଛି। ବଜାର ବ୍ୟତୀତ ଭବାନୀପାଟଣା-କେସିଙ୍ଗା ରାସ୍ତାକଡ଼ରେ ତାଳସଜ ବିକ୍ରି ହେଉଥିବା ସ୍ଥାନ ଗୁଡ଼ିକରେ ଲୋକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳୁଛି। ରାସ୍ତାରେ ଯାଉଥିବା ଲୋକମାନେ ତାଳସଜର ମଜା ନେଉଛନ୍ତି। ବଡ଼ଙ୍କଠାରୁ ଆରମ୍ଭ କରି ଛୋଟଛୋଟ ପିଲା ମଧ ତାଳସଜ ବିକ୍ରି କରି ଦୁଇ ପଇସା ରୋଜଗାର କରୁଛନ୍ତି। ଭବାନୀପାଟଣା-କେସିଙ୍ଗା ୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ଗାଇଗାଁ, ଚାଞ୍ଚେର ଓ ଉତ୍କେଲା ଅଞ୍ଚଳରୁ ଲୋକେ ତାଳସଜ ସଂଗ୍ରହ କରି ପ୍ରତିଦିନ ସକାଳୁ ରାସ୍ତାକଡ଼ରେ ନିଜ ପସରା ମେଲାଇ ବିକ୍ରି କରୁଛନ୍ତି। ଏଥିରେ ପରିବାର ଲୋକଙ୍କୁ ସେମାନଙ୍କ ପିଲା ମଧ ସହଯୋଗ କରୁଛନ୍ତି। ଗୋଟେ ତାଳକୁ ୫ ଟଙ୍କା ହିସାବରେ ବିକ୍ରି ହେଉଛି। ସେହିପରି ଗୋଟେ କେଣ୍ଡାରେ ଅତି କମରେ ତାଙ୍କୁ ୧୦୦ରୁ ୧୫୦ ଟଙ୍କା ମିଳୁଛି ବୋଲି ତାଳସଜ ବିକ୍ରି କରୁଥିବା ଜଣେ ବେପାରୀ କହିଛନ୍ତି। ଏହି ତାଳସଜ ବେପାର ପାଇଁ ବେପାରୀମାନେ ରାସ୍ତାକଡ଼ରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଗ୍ରାହକଙ୍କୁ ଜଗୁଥିବା ଦେଖିବାକୁ ମିଳୁଛି।



# ଗାଁକୁ ନାହିଁ ରାସ୍ତା, ତଳପଡ଼ାବାସୀଙ୍କ ଭୋଟ ବର୍ଜନ ଚେତାବନୀ

**ଭବାନୀପାଟଣା, ୧୦।୫(ସମିସ)**

ଭବାନୀପାଟଣା ସହରର ବିଭିନ୍ନ ୱାର୍ଡରେ ଥିବା ରାସ୍ତା ଗୁଡ଼ିକର ଶୋଚନୀୟ ଅବସ୍ଥା ଦେଖିଲେ ଉପାନ୍ତ ଗାଁର ଭ୍ରମ ସୃଷ୍ଟି ହେଉଛି। ପୌରପାଳିକାର ୱାର୍ଡ ନମ୍ବର ୧୩ର ଆମ୍ବଗଛପଡ଼ାସ୍ଥିତ ତଳପଡ଼ାରେ ରାସ୍ତା ଅବସ୍ଥା ନ କହିବା ଭଲ। ଆଜି ଯାଏଁ ଭଲ ରାସ୍ତାଟିଏ ନ ହେବାରୁ ପଡ଼ାବାସୀ ଭୋଟ ବର୍ଜନ ନିଷ୍ପତ୍ତି ନେଇଛନ୍ତି। ତଳପଡ଼ାରେ ୨୫ ପରିବାରର ଲୋକ ସଂଖ୍ୟା ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ। ବର୍ଷା ଦିନେ ପରିସ୍ଥିତି ଅସମ୍ଭାଳ ହୋଇପଡ଼େ। ରାସ୍ତାରେ ଆଣ୍ଠୁଏ ପାଣି ସହିତ ଡ୍ରେନ୍ ପାଣି ଘର ଭିତରକୁ ପଶୁଥିବାରୁ ଲୋକେ ନାହିଁ ନ ଥିବା ହିନସ୍ତା ଭୋଗୁଛନ୍ତି। ନିର୍ବାଚନକୁ ନେଇ ସହରର ସବୁ ରାସ୍ତା ମରାମତି ଓ ତିଆରି କରିବା ଦେଖିବାକୁ ମିଳୁଛି। କିନ୍ତୁ ସ୍ଥାନୀୟ କାଉନ୍‌ସିଲରଙ୍କୁ ବହୁତ ଥର ଗୁହାରି କରି ପଡ଼ାବାସୀ ନିରାଶ ହୋଇଥିବା ସାମାଜିକ କର୍ମୀ ଲକ୍ଷ୍ମୀନାରାୟଣ ପଣ୍ଡା ଓ ପଡ଼ାର ହେମା ମନ୍ତ ଦୁର୍ଗା ଅଭିଯୋଗ କରିଛନ୍ତି। ଗତ ମଙ୍ଗଳବାର ପଡ଼ାବାସୀ ପୌର କାର୍ଯ୍ୟାଳୟକୁ ଯାଇଥିଲେ। କିନ୍ତୁ ଅଫିସରେ ପିଅନ ବ୍ୟତୀତ କାହାର ଦେଖାଦର୍ଶନ ନ ଥିଲା। ନିର୍ବାହୀ ଅଧିକାରୀଙ୍କୁ ଯୋଗାଯୋଗ କରିବାରେ ସେ ପଡ଼ାକୁ ଯାଇ ସମସ୍ୟା ବୁଝିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ମାତ୍ର ବୁଧବାର ସନ୍ଧ୍ୟା ସୁଦ୍ଧା ଦେଖା ନ ଦେବାରୁ ପଡ଼ାବାସୀ କ୍ଷୋଭ ପ୍ରକାଶ କରି ରାସ୍ତା ନାହିଁ ତ ଭୋଟ ନାହିଁ ବୋଲି ଭୋଟ ବର୍ଜନ ଚେତାବନୀ ଦେଇଛନ୍ତି।



**ଆଜି ଶେଷ ହେବ ପ୍ରଚାର**

# ନୂଆପଡ଼ା ହେଲା ବିଜେଡିମୟ





**ନୂଆପଡ଼ା/ଖଡ଼ିଆଳ, ୧୦।୫(ସମିସ)**

ନୂଆପଡ଼ା ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଆଉ ଦୁଇଦିନ ବାକି ଥିବାବେଳେ ଜିଲ୍ଲାରେବିଜେଡି ଦଳପକ୍ଷରୁ ନିର୍ବାଚନୀ ପ୍ରଚାରକୁ ଜୋରଦାର କରାଯାଇଛି। ଗୋଟିଏ ପଟେ ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡ଼ିର ରାଜେନ୍ଦ୍ର ଢୋଲକିଆ ପ୍ରଚାର ଚଲାଇଥିବାବେଳେ ଅନ୍ୟପଟେ ଖଡ଼ିଆଳରେ ବିଧାୟକ ପ୍ରାର୍ଥୀ ଅଧୀରାଜ ମୋହନ ପାଣିଗ୍ରାହୀ କଳାହାଣ୍ଡି ସାଂସଦ ପ୍ରାର୍ଥୀ ଲମ୍ବୋଦର ନିଆଲଙ୍କ ସହ ଶୋଭାଯାତ୍ରାରେ ବୁଲିଛନ୍ତି। ଶୁକ୍ରବାର ଖଡିଆଳ ନିର୍ବାଚନମଣ୍ଡଳୀର ତିନି ଗୋଟି ବ୍ଲକ ଓ ଏନଏସିରେ ବିଜେଡି ମୋଟରସାଇକେଲ ଶୋଭାଯାତ୍ରା କରିଛି। ଏହି ଶୋଭାଯାତ୍ରାରେ କଳାହାଣ୍ଡି ସାଂସଦ ପ୍ରାର୍ଥୀ ଲମ୍ବୋଦର ନିଆଲ ଓ ଖଡ଼ିଆଳ ବିଧାୟକ ପ୍ରାର୍ଥୀ ଅଧିରାଜ ପାଣିଗ୍ରାହୀଙ୍କ ଶହ ଓଲିଉଡ ତାରକା ସବ୍ୟସାଚୀ ଓ ଅର୍ଚ୍ଚିତା ନିର୍ବାଚନ ପ୍ରଚାର କରିଥିଲେ। ପ୍ରଥମେ ଖଡିଆଳ ସହରର ଜାଇକା ହୋଟେଲ ଠାରୁ ଏକ ବିଶାଳ ମୋଟର ସାଇକେଲ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ଶହ ଖଡିଆଳ ବ୍ଲକର ନେହେନା ଡୁଆଝର ଗାଁ ଦେଇ ସିନାପାଲି ବ୍ଲକର ଗଣ୍ଡାବାହାଲି ବରଗାଁ ଓ କାପସି ଦେଇ ସିନାପାଲି ବ୍ଲକରେ ପହଞ୍ଚିଥିଲେ। ଏହି ଶୋଭାଯାତ୍ରା ସମୟରେ ଓଲିଉଡ ତାରକା ସବ୍ୟସାଚୀ ଓ ଅର୍ଚ୍ଚିତା ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କ ପାଇଁ ଗୋଟି ବ୍ଲକର ବିଭିନ୍ନ ଗାଁକୁ ଯାଇ ନିର୍ବାଚନୀ ପ୍ରଚାର କରିଥିଲା। ସୀମାନ୍ତରୁ ଉପାନ୍ତ ଗାଁଠୁ ସହର ସବୁଠି ବିକାଶମୁଖୀ କାର୍ଯ୍ୟକୁ ନେଇ ଖଡିଆଳ ନିର୍ବାଚନମଣ୍ଡଳୀ ଚଳଚଞ୍ଚଳ ହୋଇ ସହ ବିପୁଳ ସଂଖ୍ୟାରେ ଦଳ ଭୋଟ ପାଇ ଜିତିବ ବୋଲି ପ୍ରକାଶ କରିଥିଲେ। ଅନ୍ୟପଟେ ନୂଆପଡ଼ା ନିର୍ବାଚନମଣ୍ଡଳୀର ନୂଆପଡ଼ା ଓ ଖରିଆରରୋଡ଼ ଏନଏସି ଅଞ୍ଚଳରେ ଦିନ ସାରା ଶୋଭାଯାତ୍ରା କରି



- ଖଡ଼ିଆଳ ନିର୍ବାଚନମଣ୍ଡଳୀରେ ସାଂସଦ, ବିଧାୟକ ପ୍ରାର୍ଥୀଙ୍କ ଶୋଭାଯାତ୍ରା
- ଯୋଡି ଶଙ୍ଖରେ ଭୋଟ ମାଗିଲେ ସିନେ କଳାକାର
- ନୂଆପଡ଼ା, ଖରିଆରରୋଡ଼ ସହରରେ ରାଜେନ୍ଦ୍ର ଢୋଲକିଆଙ୍କ ରୋଡ଼ ସୋ

ଯୋଡି ଶଙ୍ଖରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ଓଲିଉଡ ତାରକାଙ୍କୁ ଦେଖି ସ୍ଥାନୀୟ ଲୋକେ ଉତ୍ସାହିତ ଶହ ସ୍ୱାଗତ ଜଣାଇଥିଲେ। ନିର୍ବାଚନ ପ୍ରଚାର ପାଇଁ ହାତରେ ଆଉ ଗୋଟିଏ ଦିନ ଥିବା ବେଳେ ଏହି ଶୋଭାଯାତ୍ରାରେ ଦଳର ସମସ୍ତ କର୍ମୀ ଓ କାର୍ଯ୍ୟକର୍ତ୍ତାଙ୍କ ସହ ସମର୍ଥକ ଯୋଗ ଦେଇଥିଲେ। ଏହି ଶୋଭାଯାତ୍ରା ତିନି ପଡ଼ିଥିଲା। ଲୋକଙ୍କ ଠାରେ କେବଳ ଗୋଟିଏ ସ୍ୱର ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବରେ ପାଇବା ପାଇଁ ଲୋକେ ସଂକଳ୍ପ ନେଇ ସାରିଥିବା ବିଧାୟକ ପ୍ରାର୍ଥୀ ଅଧିରାଜ ପାଣିଗ୍ରାହୀ ପ୍ରକାଶ କରିଥିବା ବେଳେ ସାଂସଦ ପ୍ରାର୍ଥୀ ଲମ୍ବୋଦର ନିଆଲ କଳାହାଣ୍ଡି ଲୋକସଭା କ୍ଷେତ୍ରରେ ଡବଲ ଶଙ୍ଖ ବାଜିବା ବୁଲିଥିଲେ। ଘରକୁ ଘର ବୁଲି ନବୀନ ସରକାରଙ୍କ ବାର୍ତ୍ତା ବାଣ୍ଟିଥିଲେ। ସବୁ ଜାଗାରେ ଲୋକେ ପ୍ରାର୍ଥୀଙ୍କୁ ବନ୍ଦାପନା କରି ପାଛୋଟି ନେଉଥିଲେ। ଏଥର ଯୋଡି ଶଙ୍ଖ ବାଜିବ। ନବୀନ ପଟ୍ଟନାୟକ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ପଦଭାର ଗ୍ରହଣ କରିବେ ବୋଲି ନେତୃବୃନ୍ଦ ଦୃଢୋକ୍ତି ପ୍ରକାଶ କରିଥିଲେ।

## ଦୁଇ ବସ୍ ଧକ୍କା: ୨୦ରୁ ଅଧିକ ଆହତ; ଡ୍ରାଇଭର ମୃତ



**ସୋନପୁର, ୧୦।୫(ସମିସ):** ଅକ୍ଷୟ ତୃତୀୟା ପାଇଁ ଚାରିଆଡ଼େ ଆନନ୍ଦ ଉଲ୍ଲାସ ଲାଗି ରହିଥିବାବେଳେ ସନ୍ଧ୍ୟାର ଏକ ଦୁର୍ଘଟଣା ସାରା ଜିଲ୍ଲାକୁ ସ୍ତବ୍ଧ କରିଦେଇଛି। ସୋନପୁର-ସମ୍ବଲପୁର ରାସ୍ତାର ଉଲୁଣ୍ଡା ନିକଟସ୍ଥ ଡୁଡୁପାଲି ନିକଟରେ ଏହି ଦୁର୍ଘଟଣା ଘଟିଛି। ସୋନପୁରରୁ ସମ୍ବଲପୁର ଯାଉଥିବା 'କରିସ୍ମା' ବସ୍ ସହ ସମ୍ବଲପୁର ପଟୁ ଆସୁଥିବା 'ଚକାଡୋଲା'ର ଧକ୍କା ହୋଇଥିଲା। କରିସ୍ମା ବସ୍‌ର ୨୦ରୁ ଅଧିକ ଯାତ୍ରୀ ଆହତ ହୋଇଥିବାବେଳେ ଚକାଡୋଲା ବସ୍ ଡ୍ରାଇଭର ପ୍ରଦୀପ ପ୍ରଧାନ(୫୩)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ସମ୍ବଲପୁରରୁ ଆସୁଥିବା ଚକାଡୋଲା ବସ୍ ରିଜର୍ଭେସନ୍‌ରେ ଆସୁଥିବାରୁ ବସ୍ କର୍ମଚାରୀ ବ୍ୟତୀତ କୌଣସି ଯାତ୍ରୀ ନ ଥିଲେ। ତେବେ ସମସ୍ତ ଗୁରୁତର ଯାତ୍ରୀଙ୍କୁ ଜିଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆହତଙ୍କ ଚିକିତ୍ସା ଚାଲିଥିବାବେଳେ କିଛି ଗୁରୁତରଙ୍କୁ ବୁର୍ଲା ପଠାଯାଇଥିବା ସୂଚନା ମିଳିଛି। ଜିଲ୍ଲା ଡାକ୍ତରଖାନାରେ ପଦ୍ମିନୀ ଦାଶ, କେଶବ ବେହେରା, ଚନ୍ଦ୍ରା ବେହେରା, ଗୋବିନ୍ଦ ଗୋସ୍ୱାମୀ, ଅମିତ କୁମାର ବାଘ, ମାନସିଂହ ନାଏକ ପ୍ରମୁଖଙ୍କ ଚିକିତ୍ସା ଜାରି ରହିଛି।

## ପିଇବା ପାଣି ଯୋଗାଇ ପାରୁନି ମେଗା ପାନୀୟ ଜଳ ପ୍ରକଳ୍ପ

**ବାଉଁଶୁଣି, ୧୦।୫(ସମିସ):** ବୌଦ୍ଧ ବ୍ଲକ ବହିରା ପଞ୍ଚାୟତର ଜଟିପାଲି ଗ୍ରାମରେ ପାନୀୟ ଜଳର ଉତ୍କଟ ସମସ୍ୟା ଦେଖାଦେଇଛି। ଡହ ଡହ ଖରା ସାଙ୍ଗକୁ ପାଣି ସମସ୍ୟା ଲୋକଙ୍କୁ କଲବଲ କରୁଛି। ଲୋକେ ପାଣି ଟୋପାଏ ପାଇଁ ସକାଳ ହେଲେ ନଳକୂପ ଓ କୂଅ ଚାରିପଟେ ଭିଡ ଜମାଉଛନ୍ତି। ପ୍ରକଳ୍ପ ଥାଇ ମଧ୍ୟ କେଉଁଠି ଲୋକଙ୍କୁ ପାଣି ମିଳୁନି ତ ଆଉ କେଉଁଠି ପାଣି ଟୋପାଏ ପାଇଁ ଲୋକେ ମାଇଲ ମାଇଲ ବାଟ ଧାଉଁଛନ୍ତି। ଦୀର୍ଘଦିନ ହେଲା ପାଣି ପାଇପ୍ ଫାଟି ପଡ଼ିଥିବାବେଳେ ଏହାର ମରାମତି ଦିଗରେ ଜଳ ଓ ପରିମଳ ବିଭାଗ ଦୃଷ୍ଟି ନ ଦେବା ଘଟଣା ବିଭାଗୀୟ କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟକୁ ପଦାରେ ପକାଇଛି। ତେବେ ଆଗାମୀ ଦିନରେ ଯଦି ଏହାର ସମାଧାନ କରାନଯାଏ ରାଜରାସ୍ତା ଅବରୋଧ କରିବା ସହ ଭୋଟ ବର୍ଜନର ଚେତାବନୀ ଦେଇଛନ୍ତି ଜଟପାଲି ଗ୍ରାମବାସୀ।



## ୭ କ୍ୱିଣ୍ଟାଲ ୨୦ କେଜି ମହୁଲ ଜବତ, ଜଣେ ଗିରଫ

**ଶଗଡ଼ା, ୧୦।୫(ସମିସ):** ବୌଦ୍ଧ ଅବକାରୀ ମୋବାଇଲ ସ୍କ୍ୱାର୍ଡ ପକ୍ଷରୁ ଚଢାଉ ବେଳେ ବ୍ୟାପକ ମହୁଲଫୁଲ ଜବତ ହୋଇଛି। ଏହି ଘଟଣାର ସମ୍ପୃକ୍ତ ଥିବା ଜଣେ ବୃଦ୍ଧଙ୍କୁ ଅବକାରୀ ବିଭାଗ ଗିରଫ କରିଥିବା ଜଣା ପଡ଼ିଛି। ସୂଚନା ଅନୁସାରେ ବୌଦ୍ଧ ଅବକାରୀ ସ୍କ୍ୱାର୍ଡ ବିଶେଷ ସୂତ୍ରରୁ ଖବର ପାଇ ଘଣ୍ଟାପଡ଼ା ଥାନା ଅନ୍ତର୍ଗତ ଆମ୍ବଗାଁ ପଞ୍ଚାୟତ ଦେଢ଼ନ ମାଲ ଗ୍ରାମ ରାସ୍ତାର ହୁତାଶନ ରଣାଙ୍କ ଘରେ ଚଢ଼ାଉ କରିଥିଲା। ତାଙ୍କ ଘରୁ ବେଆଇନ ଭାବରେ ଗଚ୍ଛିତ ରଖିଥିବା ବିପୁଳ ପରିମାଣର ମହୁଲଫଲକୁ



ଅବକାରୀ କର୍ମଚାରୀ ମାନେ ଜବତ କରିଛନ୍ତି। ଅବକାରୀ କର୍ମଚାରୀ ମହୁଲଫୁଲ ସହ ବୃଦ୍ଧାଙ୍କୁ ଗିରଫ କରି ଅବକାରୀ ବିଭାଗ କାର୍ଯ୍ୟାଳୟକୁ ଆଣିଛନ୍ତି। ଗିରଫ ବୃଦ୍ଧା ଜଣକ ହେଲେ ହୁତାଶନ ରଣା (୭୨) ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଜବତ ମହୁଲଫୁଲକୁ କାର୍ଯ୍ୟାଳୟକୁ ଆଣି ଓଜନ କରା ଯାଇଥିବା ବେଳେ ଏହା ୭ କ୍ୱିଣ୍ଟାଲ ୨୦କେଜି ହୋଇଥିବା ବିଭାଗ ପକ୍ଷରୁ ସୁଚନା ଦିଆଯାଇଛି। ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ପକ୍ଷରୁ ୩୬/୨୪-୨୫ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ହୁତାଶନକୁ କଣ୍ଧମାଳ ଜେ ଏମ ଏଫ ସି କୋର୍ଟ ଚାଲାଣ କରାଯାଇଥିବା ବୌଦ୍ଧ ଅବକାରୀ ମୋବାଇଲ ସ୍କ୍ୱାର୍ଡ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି।

## ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକଙ୍କ କଳାହାଣ୍ଡି ଜିଲ୍ଲା ଗସ୍ତ

**ଭବାନୀପାଟଣା, ୧୦।୫(ସମିସ):** ସୂଚନା ଓ ଲୋକସମ୍ପର୍କ ବିଭାଗ ଦକ୍ଷିଣାଞ୍ଚଳ ଉପନିର୍ଦ୍ଦେଶକ ଲଲାଟେନ୍ଦୁ ମହାପାତ୍ର କଳାହାଣ୍ଡି ଜିଲ୍ଲା ଗସ୍ତରେ ଆସି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ ସହ ନିରୀକ୍ଷଣ କରିଛନ୍ତି। କାର୍ଯ୍ୟାଳୟର ମଞ୍ଜୁରିପ୍ରାପ୍ତ ପଦବୀ ସଂଖ୍ୟା ୧୭ ଥିବାବେଳେ ବର୍ତ୍ତମାନ ମାତ୍ର ୮ ଜଣ ଜିଲ୍ଲାରେ କାର୍ଯ୍ୟ କରୁଛନ୍ତି। ଅବସର ଓ ସ୍ଥାନାନ୍ତର ପରେ ଅନେକ ପଦବୀ ପୂରଣ ହୋଇନାହିଁ। କାର୍ଯ୍ୟାଳୟରେ ପ୍ରକ୍ଷେପକ, ସଞ୍ଚାଳକ, କିରାଣୀ, ଗ୍ରନ୍ଥାଗାରିକ, ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦବୀ ପୂରଣ ପାଇଁ ଉଚ୍ଚ କର୍ତ୍ତପକ୍ଷଙ୍କୁ ଜଣାଇ ଅତି ଶୀଘ୍ର ପଦକ୍ଷେପ ନେବେ ବୋଲି ଉପ ନିର୍ଦ୍ଦେଶକ କହିଥିଲେ। କାର୍ଯ୍ୟାଳୟର ବିଭିନ୍ନ ଫାଇଲ, ରେଜିଷ୍ଟର, ଏକାଉଣ୍ଟ, କ୍ୟାସବୁକ, ଷ୍ଟୋର, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ ବିକ୍ରି, ଅନୁଦାନ ଓ ଖର୍ଚ୍ଚ ହିସାବ, ଅଡିଟ, ମିଡ଼ିଆ ପରିଚାଳନା, ପ୍ରେସ କ୍ଲିପ୍, ସୂଚନା ଅଧିକାର ଆଇନ, ଶ୍ରାବ୍ୟଦୃଶ୍ୟ ଶାଖା, ସମ୍ବାଦ ପ୍ରକାଶନ, ସହ ସୂଚନା କେନ୍ଦ୍ରର ପାସ ବୁକ୍, କସନ ମନି, ବୁକ୍ ରେଜିଷ୍ଟରର ନିରୀକ୍ଷଣ କରିଥିଲେ। କାର୍ଯ୍ୟାଳୟରେ ଅବ୍ୟବହୃତ ଜିନିଷ ଏବଂ ଦୃଶ୍ୟଶ୍ରାବ୍ୟ ଶାଖାର ନଷ୍ଟ ହୋଇଥିବା ଯନ୍ତ୍ରପାତିକୁ କମିଟି ଗଠନ ସହ ନିଲାମ ପ୍ରକ୍ରିୟା କରିବାକୁ ପରାମର୍ଶ ଦେଇଥିଲେ।



## ନିର୍ବାଚନ ପାଇଁ ପୁଲିସର ଫ୍ଲାଗ୍‌ମାର୍ଚ୍ଚ

**କୋମନା, ୧୦।୫(ସମିସ):** ଆଗକୁ ଜିଲ୍ଲାରେ ସାଧାରଣ ନିର୍ବାଚନ। ଏଥିପାଇଁ ଏକ ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନା ସକାଶେ ପୁଲିସର ପ୍ରସ୍ତୁତି ଜୋରଦାର ହୋଇଛି। ଏହି କ୍ରମରେ କୋମନା ସହରରେ ପୁଲିସ ଫ୍ଲାଗ୍ ମାର୍ଚ୍ଚ କରିଛି।ଏକ ଶାନ୍ତିପୂର୍ଣ୍ଣ ଓ ନିରପେକ୍ଷ ନିର୍ବାଚନ କରାଯାଉଥିବା ସଂକେତ ଦେଇ ଜନସାଧାରଣଙ୍କୁ ସଚେତନ କରି ଶାନ୍ତିର ବାର୍ତ୍ତା ଦିଆଯାଇଛି। କୋମନା ଥାନା ଅଧିକାରୀ ସୁମନ୍ତ କୁମାର ନାଏକଙ୍କ ନେତୃତ୍ୱରେ କୋମନା ବ୍ୟାଙ୍କ ଠାରୁ ପୁରୁଣା ବ୍ଲକ ଛକ ପର୍ଯ୍ୟନ୍ତ ପୁଲିସର ଫ୍ଲାଗମାର୍ଚ୍ଚ ହୋଇଥିଲା। ଏଥିରେ ଏସଆଇ ବିଷ୍ଣୁପ୍ରସାଦ ପ୍ରଧାନ, ଜ୍ୟୋସ୍ନାରାଣୀ ଖୁଣ୍ଟିଆ ଓ ଦେବେନ୍ଦ୍ର ବିନ୍ଧାଣୀ, ଏଏସଆଇ ଦ୍ରୌପଦସେନ ସାଗର, ମୋରାଜୀ ଭୋଇ ଏବଂ ତରୁଣ କୁମାର ସାହୁ, ରବୋଡ ପାଣ୍ଡି ଅଧିକାରୀ ଗୌରୀଶଙ୍କର ଦାସ, ଏଏସଆଇ ନେତ୍ରାନନ୍ଦ ସେନାପତି ଏବଂ ବିଭିନ୍ନ ସିଆରପିଏଫ କ୍ୟାମ୍ପର ଅଧିକାରୀ ଓ ଯବାନମାନେ ସାମିଲ ହୋଇଥିଲେ।

## ଜହ୍ନାପଙ୍କ ଅଞ୍ଚଳରେ ପୁଲିସ ଓ ଆଇଆର୍‌ବି ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ

**ଜହ୍ନାପଙ୍କ, ୧୦।୫(ସମିସ):** ବୌଦ୍ଧ ଥାନା ଜହ୍ନାପଙ୍କ ଫାଣ୍ଡି ଅଧୀନ ତେଲିବନ୍ଧ ପଞ୍ଚାୟତର ତେଲିବନ୍ଧ, ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ଜହ୍ନାପଙ୍କ ଓ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅଧୀନ ନାରାୟଣନଗର, ମାହାରସାହି ଏବଂ ଜଗତି ଆଦି ସମ୍ବେଦନଶୀଳ ଗ୍ରାମରେ ବୌଦ୍ଧ ପୁଲିସ୍ ଓ ଆଇଆରବି ପକ୍ଷରୁ ଫ୍ଲାଗ୍ ମାର୍ଚ୍ଚ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ଥାନା ଆଇଆଇସି ରଞ୍ଜିତ କୁମାର ମୁନୀଙ୍କ ତତ୍ତ୍ୱାବଧାନ ଏବଂ ଜହ୍ନାପଙ୍କ ଫାଣ୍ଡି ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଅନୁଷ୍ଠିତ ଫ୍ଲାଗ୍ ମାର୍ଚ୍ଚରେ ବୌଦ୍ଧ ଥାନା ଓ ଜହ୍ନାପଙ୍କ ଫାଣ୍ଡିର ପୁଲିସ ଅଧିକାରୀ ଓ କର୍ମଚାରୀମାନଙ୍କ ସମେତ ଆଇଆରବି ଯବାନମାନେ ସାମିଲ୍ ହୋଇଥିଲେ। ଲୋକସଭା ଓ ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ସ୍ୱଚ୍ଛ ଓ ଅବାଧ ମତଦାନ ପାଇଁ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା।

**Format C-1**

**(for candidate to publish in Newspapers, TV)**

**Declaration about criminal cases**

(As per the judgment dated 25 September, 2018, of Hon'ble Supreme Court in WP (Civil) No. 536 of 2011(Public Interest Foundation & Ors. Vs. Union of India & Anr.)

Name and address of candidate: **SURENDRA SINGH BHOI, S/o- LATE RAMESH CHANDRA SINGH BHOI of SAINTALA, Po/Ps- SAINTALA, Dist.- BALANGIR, Odisha, Pin-767032**

Name of political party: **BIJU JANATA DAL**

(Independent candidates should write "Independent" here)

Name of Election: **GENERAL ELECTION-2024**

Name of Constituency: **10-BALANGIR (GENERAL)**

I **SURENDRA SINGH BHOI** (name of candidate), a candidate for the above mentioned election; declare for public information the following details about any criminal antecedents:

| | | | | |
|---|---|---|---|---|
| (a) | **FIR No. with name and address of Police Station concerned** | Ps Case No.205 of 2018 Dt.27/11/2018 Saintala Police Station, At/Po. – Saintala, Ps –Saintala, Dist.- Balangir | Ps Case No.22 of 2012 Dt.10.03.2012 Saintala Police Station At/Po. – Saintala, Ps-Saintala, Dist.- Balangir | NIL |
| (b) | **Case No. with Name of the Court** | G.R. Case No.249 of 2018 Court of JMFC, Saintala | G.R. Case No.123/101 of 2012 Court JMFC, Saintala | NIL |
| (c) | **Section(s) of concerned Acts / Codes involved (give no. of the Section, e.g. Section……. of IPC, etc.).** | Sec.143/341/283/186/149 IPC | Sec.143/188/149 IPC | NIL |
| (d) | **Brief description of offence** | Sec.143 IPC – Punishment for unlawful assembly imprisonment for six month or fine or with both Sec.341 IPC – Punishment for wrongful restraint, simple imprisonment extended to one month or fine extended to five hundred rupees or with both. Sec.283 IPC – Danger or obstruction in public way or line of navigation punishment with fine which may extended to two hundred rupees only Sec.186 IPC- Obstructing Public servant in discharge of public function , punishment extended to three month or fine five hundred rupees or with both .sec.149IPC- Every member of lawful assembly guilty of common object imprisonment according to the offence committed | Sec.143 IPC – Punishment for unlawful assembly imprisonment for six month or fine or with both Sec.188 IPC- This obedience to order duly promulgated by public servant , simple imprisonment extended to one month or fine 200 rupees with both sec 149Ipc Every member of lawful assembly guilty of offence committed in preoccupation of common object imprisonment according to the five hundred rupees or with both. sec 149IPC- Everymember of lawful assembly guilty of offence committed in preoccupation of common object impsonment according to the offence committed. | NIL |
| (e) | **Whether charges have been framed (mention YES or NO)** | COG. NOT YET TAKEN | YES | NIL |
| (f) | **If the answer against (e) above is YES, then give the date on which charges were framed.** | NOT APPLICABLE | Dt.27/08/2013 charge fame by JMFC Saintala | NIL |
| (g) | **Whether any Appeal/Application for revision has been filed against the proceedings (Mention YES or NO)** | NO | NO | NIL |

**SD/- SURENDRA SINGH BHOI**

# ପର୍ଶୁରାମ ଜୟନ୍ତୀରେ ୨୬ ଜଣଙ୍କ ସାମୂହିକ ବ୍ରତୋପନୟନ



**ଭବାନୀପାଟଣା, ୧୦।୫(ସମିସ)**

ବ୍ରାହ୍ମଣ ସମାଜ କଳାହାଣ୍ଡି ପକ୍ଷରୁ ସ୍ଥାନୀୟ ଅଗସେନ ଭବନ ଠାରେ "ଭଗବାନ ପର୍ଶୁରାମ ଜୟନ୍ତୀ" ମହାସମାରୋହରେ ପାଳିତ ହୋଇଛି। ଏହି ଅବସରରେ ଆୟଜିତ ନିଃଶୁଳ୍କ ସାମୁହିକ ବ୍ରତୋପନୟନ କାର୍ଯ୍ୟକ୍ରମରେ ହାଇଦ୍ରାବାଦରୁ ଜଣେ, ଛତିଶଗଡ଼ର ଜଗଦଲପୁରରୁ ଜଣେ ଓ କଳାହାଣ୍ଡି ଜିଲ୍ଲାରୁ ୨୪ ଜଣ ବ୍ରାହ୍ମଣ ସନ୍ତାନଙ୍କ ଉପନୟନ ସଂସ୍କାର ସମ୍ପୂର୍ଣ ବୈଦିକ ରୀତିରେ ପଣ୍ଡିତ ମଙ୍ଗଲୁ ମିଶ୍ରଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ୨୮ ଜଣ ଆଚାର୍ଯ୍ୟଙ୍କ ଦ୍ୱାରା ସମ୍ପାଦିତ ହୋଇଛି। ଅପରାହ୍ନ ୩ଟାରେ ୨୬ ଜଣ ନବ ବ୍ରହ୍ମଚାରୀ ରୋଷଣୀ ଶୋଭାଯାତ୍ରା କରି ଜଗନ୍ନାଥ ମନ୍ଦିର ଓ ମାଣିକେଶ୍ୱରୀ ମନ୍ଦିରକୁ ଯାଇଥିଲେ। ୨୬ ଜଣ ନବ ବ୍ରହ୍ମଚାରୀଙ୍କୁ ବ୍ରାହ୍ମଣ ସମାଜ କଳାହାଣ୍ଡି ପକ୍ଷରୁ ସ୍ୱର୍ଣ୍ଣ ମୁଦ୍ରିକା ପ୍ରଦାନ କରାଯାଇଥିଲା। ଆଜି ଅକ୍ଷୟତୃତୀୟା ଓ ପର୍ଶୁରାମଙ୍କ ଜୟନ୍ତୀ ଉପଲକ୍ଷେ ପୂଜାର୍ଚ୍ଚନା ଓ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ନିରଞ୍ଜନ ଦାଶ ଆଚାର୍ଯ୍ୟ ଏବଂ ଯଜ୍ଞର କର୍ତ୍ତା ହୋଇଥିଲେ ବିଶ୍ୱଜିତ ନେଗୀ ଓ ତାଙ୍କ ପତ୍ନୀ ସ୍ମିତାରାଣି ନେଗୀ। ପର୍ଶୁରାମ ଜୟନ୍ତୀ ଉପଲକ୍ଷେ ବ୍ରାହ୍ମଣ ସମାଜ କଳାହାଣ୍ଡିର ସଭାପତି ଜଗନ୍ନାଥ ମୁଣ୍ଡଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଔପନ୍ୟାସିକ ରାହାସ ବିହାରୀ ବେହେରା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଗୁରୁ ସୁଧିର ପଣ୍ଡା, ଗୁରୁ ନରେନ୍ଦ୍ର ପଣ୍ଡା, ଗୁରୁ ଚିତ୍ତ ରଞ୍ଜନ ପଣ୍ଡାଙ୍କ ସଙ୍ଗୀତ ପରିଚାଳନାରେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ ସସ୍ମିତା ରଥ, ନମିତା ମିଶ୍ର ଓ ରୋଜାଲିନ ତ୍ରିପାଠୀ। ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ସମାଜର ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ସଂଗଠନ ସମ୍ପାଦକ ସାଂଗଠାନିକ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସତ୍ୟ ନାରାୟଣ ମହାପାତ୍ରଙ୍କ ପୁସ୍ତକ ବ୍ରାହ୍ମଣ ସମାଜ କଳାହାଣ୍ଡି ଏକ ବିହଙ୍ଗାବଲୋକନ ଓ ଶ୍ରୀମତୀ ଚାରୁଶିଳା ବାବୁଙ୍କ ଦୁଇଟି ପୁସ୍ତକ ' ନୈବେଦ୍ୟ' ଓ 'ଭକ୍ତି କୁସୁମ ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ପର୍ଶୁରାମ ଜୟନ୍ତୀ ଅବସରରେ ସମାଜ ପ୍ରତି ଉତ୍ସର୍ଗୀକୃତ ଅବଦାନ ନିମନ୍ତେ କଳାହାଣ୍ଡି ଜିଲ୍ଲାର ନଅ ଜଣ ବରିଷ୍ଠ ବ୍ରାହ୍ମଣ ମନୋଜ ପଣ୍ଡା, ରାଜେନ୍ଦ୍ର କୁମାର ପଟ୍ଟଯୋଷି, ମଧୁସୂଦନ ମହାପାତ୍ର, ଦୁର୍ଗା ଚରଣ ମିଶ୍ର, ପ୍ରଭାସ ଚନ୍ଦ୍ର ମିଶ୍ର, ଡ଼ା ଭାରତ ବନ୍ଧୁ ପଣ୍ଡା, ତୁଷାର ରଞ୍ଜନ ପଟ୍ଟଯୋଷି, ପର୍ଶୁରାମ ପାଢ଼ୀ, ପ୍ରମୋଦ ଖମାରି ଓ ବ୍ରହ୍ମପୁରର ସିନେ ଅଭିନେତା ତଥା ପ୍ରଯୋଜକ ଧିରେନ୍ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଜିଲ୍ଲାର ସାତ ଜଣ ମହିଳା ମୀନା ମୁଣ୍ଡ, ପ୍ରିୟମ୍ବଦା ଚାନ୍ଦ, ସ୍ନେହଲତା ଷଡ଼ଙ୍ଗୀ, ମନୋରମା ପତି, ରୁବି ଚୌଧୁରୀ ଓ ଲଳିତା ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କଳାହାଣ୍ଡିର ବିକାଶଧାରାରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ସାମ୍ବାଦିକ ଉମାଶଙ୍କର କର, ଶାନ୍ତନୁ ବେହେରା, ବିଜୟ ଦ୍ୱିବେଦୀ, ପ୍ରଶାନ୍ତ ପଣ୍ଡା, ସନ୍ତୋଷ ସିଂହ ଦେଓ, କୈଳାସ ସାହୁ, ମନମୋହନ ପ୍ରଧାନ, ବିକାଶ ଷଡ଼ଙ୍ଗୀ, ଲକ୍ଷ୍ମୀ ବାଗ, ଅମିୟ ସାହୁ ଓ ସାମ୍ବାଦିକା ସ୍ନିଗ୍ଧାରାଣୀ ସିଂହଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହ ଧର୍ମଗଡ଼ ଉପଖଣ୍ଡ ବ୍ରାହ୍ମଣ ସମାଜ ଉପ ସଭାପତି ଓ ଜିଲ୍ଲାର ସମସ୍ତ ବ୍ଲକ ବ୍ରାହ୍ମଣ ସମାଜର ସଭାପତି ଓ ସମ୍ପାଦକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ଉମେଶ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ଓ ଆକାଶବାଣୀ କଳାକାର ବିରଞ୍ଚି ନାରାୟଣ ମୁଣ୍ଡ ମଞ୍ଚ ପରିଚାଳନା କରିଥିଲେ।

## ବିଜେଡି ଇସ୍ତାହାରକୁ ନେଇ ମହିଧରଙ୍କ କର୍ମୀ ସମ୍ମିଳନୀ




**ମନମୁଣ୍ଡା, ୧୦।୫(ସମିସ):** ୨୦୨୪ ନିର୍ବାଚନ ପାଇଁ ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକାଶ କରିଥିବା ଇସ୍ତାହାରକୁ ନେଇ କଣ୍ଠାମାଳ ବିଧାୟକ ପ୍ରାର୍ଥୀ ମହିଧର ରଣାଙ୍କ ଦ୍ୱାରା ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି କର୍ମୀ ସମ୍ମିଳନୀରେ ବରିଷ୍ଠ ବିଜେଡି ନେତା ପ୍ରେମରାଜ ରଣା, ଜିଲ୍ଲା ବିଜେଡି ସମ୍ପାଦକ ପ୍ରଶାନ୍ତ ରଣା, କଣ୍ଠାମାଳ ବ୍ଲକ ଅଧ୍ୟକ୍ଷା ସସ୍ମିତା ସେନାପତି, କଣ୍ଠାମାଳ ବ୍ଲକ ବିଜେଡି ସଭାପତି ଶମ୍ଭୁ ସାହୁ ଏବଂ ବରିଷ୍ଠ ବିଜେଡି ନେତା ଲିଙ୍ଗ ଜଗଦଳା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଛନ୍ତି। କଣ୍ଠାମାଳ ବିଧାୟକ ପ୍ରାର୍ଥୀ ଶ୍ରୀ ରଣା ବିଜେଡି ନିର୍ବାଚନୀ ଇସ୍ତାହାର ଉପରେ ଆଲୋଚନା କରିବା ସହ ଉପସ୍ଥିତ ଶତାଧିକ ବିଜେଡି କର୍ମୀଙ୍କୁ ନିର୍ବାଚନୀ ଇସ୍ତାହାର ପଢ଼ି ଶୁଣାଇଛନ୍ତି। ଗ୍ରାମାଞ୍ଚଳରେ ସାଧାରଣ ଜନତା ନିର୍ବାଚନୀ ଇସ୍ତାହାର ବିଷୟରେ ଜାଣି ନ ଥିବେ। ତେଣୁ ସେ ସମସ୍ତଙ୍କୁ ବୁଝାଇବାକୁ କର୍ମୀମାନଙ୍କୁ ନିବେଦନ କରିଛନ୍ତି। ୨୦୩୪ ସୁଦ୍ଧା ସମୃଦ୍ଧ ଓ ସଶକ୍ତ ଓଡ଼ିଶା ଗଠନ ନିମନ୍ତେ ବିଜେଡିର ଏହି ସଂକଳ୍ପ ତଥା ନବୀନ ଗ୍ୟାରେଣ୍ଟିକୁ ଗାଁକୁ ଗାଁ ଯାଇ ପଥପ୍ରାନ୍ତ ସଭା କରି ଏପରିକି ଘରକୁ ଘର ବୁଲି ପ୍ରଚାର କରିବା ସହ ଯୋଡ଼ି ଶଙ୍ଖରେ ଭୋଟ ଦେବା ପାଇଁ ଲୋକଙ୍କୁ ବୁଝାଇବାକୁ କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି। ଓଡ଼ିଶାକୁ ଆହୁରି ଆଗେଇ ନେବା ସହ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବାକୁ ଲୋକମାନଙ୍କୁ ବୁଝାଇବାକୁ ବିଧାୟକ ପ୍ରାର୍ଥୀ ଶ୍ରୀ ରଣା କହିଛନ୍ତି। ଏହି ସମ୍ମିଳନୀରେ କଣ୍ଠାମାଳ ବିଜେଡି ମୁଖପାତ୍ର ବାବୁଲା ମଲ୍ଲିକ, କସୁରବନ୍ଧ ସରପଞ୍ଚ ସରୋଜ କୁମାର କର୍ଣ୍ଣ, ବରିଷ୍ଠ ନେତା ବାଳମୁକୁନ୍ଦ ମେହେର, ବିଜୟ ବାରିକ, ରୋହିତ ହୋତା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଇସ୍ତାହାର ଐତିହାସିକ ହୋଇଥିବାରୁ ପ୍ରଶାନ୍ତ ପଲିଆଙ୍କ ନେତୃତ୍ୱରେ ମିଠା ବଣ୍ଟନ କରାଯାଇଥିଲା।

# ଶଙ୍ଖ ଧ୍ୱନିରେ ବିନିକା ସହର ପ୍ରକମ୍ପିତ

## ବିଜେଡି ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କ ବିଶାଳ ଶୋଭାଯାତ୍ରା

**ବିନିକା, ୧୦।୫(ସମିସ)**



ଶୁଭ ଶଙ୍ଖର ଧ୍ୱନି ସହ ବିଜେଡି ଜିନ୍ଦାବାଦ, ବିଧାୟକ ପ୍ରାର୍ଥୀ ପଦ୍ମନାଭ ବେହେରା ଓ ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇ ଜିନ୍ଦାବାଦ ଧ୍ୱନିରେ ଶୁକ୍ରବାର ବିନିକା ସହର ପ୍ରକମ୍ପିତ ହୋଇଛି। ବିନିକା ସହର ୯ନଂ ୱାର୍ଡ ପାଲିପଡ଼ାରେ ପୂଜା ପାଉଥିବା ଶ୍ରୀ ଗଣେଶ ଓ ମା' ସମଲେଶ୍ୱରୀଙ୍କଠାରେ ଉଭୟ ପ୍ରାର୍ଥୀ ପୂଜାର୍ଚ୍ଚନା କରି ଶତାଧିକ ବିଜେଡି କର୍ମୀଙ୍କ ଗହଣରେ ଶୋଭାଯାତ୍ରାରେ ବାହାରିଥିଲେ। ଶୋଭାଯାତ୍ରା ସହରର ୯, ୮, ୭, ୬, ୫, ୪, ୩ନଂ ୱାର୍ଡ ଅନ୍ତର୍ଗତ ଗଡ଼ଭିତର, ରଥପଡ଼ା, ଝୁଂହାପଡ଼ା, ଚଣ୍ଡୀପଡ଼ା, କଂସାରିପଡ଼ା, ବିନିକାପଡ଼ା, ସିଟି ପୁଲିସ ଘାଟ, ମନହରୀପଡ଼ା, ପାଟିକାରପଡ଼ା, ପୁରୁଣା ବସଷ୍ଟାଣ୍ଡ ଦୁର୍ଗା ମଣ୍ଡପ, ତହସିଲ ଛକ, ବସଷ୍ଟାଣ୍ଡ, ନୂଆବଜାର, କଲେଜ ଛକଦେଇ ଯୋଗେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ନୂତନ କରି ପ୍ରତିଷ୍ଠିତ ମା' ଦୁର୍ଗାଙ୍କ ମନ୍ଦିରରେ ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥୀ ପୂଜାର୍ଚ୍ଚନା ସହ ଆଳତି ପ୍ରଦାନ ସହ ବିଜୟ ଆଶୀର୍ବାଦ ପାଇଁ ପ୍ରାର୍ଥନା କରିଥିଲେ। ରୋଡ୍ ଶୋ' ଅବସରରେ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ସଭାରେ ଉଭୟ ପ୍ରାର୍ଥୀ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଚାଲିଥିବା ବହୁମୁଖୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିବା ସହ ଏଥର ଯୋଡ଼ିଶଙ୍ଖରେ ନିଜ ବହୁମୂଲ୍ୟ ଭୋଟ ଦେବାକୁ ନିବେଦନ କରିଥିଲେ।

ଶୋଭାଯାତ୍ରାରେ ବିନିକା ଏନଏସି ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଭୋଇ, ବିଜେଡି ନଗର ସଭାପତି ସୋମନାଥ ମିଶ୍ର, ଏନଏସି ଉପାଧ୍ୟକ୍ଷା ତପସ୍ୱିନୀ ମେହେର, ସଂଗଠକ ସୁଧାଂଶୁ ଶେଖର ଦାଶ, ପୀତବାସ ମେହେର ପ୍ରମୁଖଙ୍କ ସମେତ ବହୁ ମହିଳା ଓ ପୁରୁଷ କର୍ମୀ ସାମିଲ ହୋଇଥିଲେ।

## ୭ କ୍ୱିଣ୍ଟାଲ ମହୁଲ ଜବତ, ଜଣେ ଗିରଫ

**ଶଗଡ଼ା, ୧୦।୫(ସମିସ):** ବୌଦ୍ଧ ଅବକାରୀ ମୋବାଇଲ ସ୍କ୍ୱାଡ୍ ପକ୍ଷରୁ ଚଢ଼ଉ କରାଯାଇ ବ୍ୟାପକ ମହୁଲ ଫୁଲ ଜବତ କରାଯାଇଥିବାବେଳେ ଘଟଣାରେ ସମ୍ପୃକ୍ତ ଥିବା ଜଣକୁ ଗିରଫ କରାଯାଇଛି। ବୌଦ୍ଧ ଅବକାରୀ ସ୍କ୍ୱାଡ୍



ଖବରପାଇ ଘଣ୍ଟାପଡ଼ା ଥାନା ଅଧୀନ ଆମ୍ବଗାଁ ପଞ୍ଚାୟତ ଦେଢ଼ନ ମାଲ ଗ୍ରାମରାସ୍ତାର ହୁତାଶନ ରଣାଙ୍କ ଘରେ ଚଢ଼ଉ କରିଥିଲା। ଉକ୍ତ ଘରୁ ବେଆଇନ ଭାବରେ ଗଚ୍ଛିତ ରଖିଥିବା ବିପୁଳ ପରିମାଣର ମହୁଲ ଫୁଲକୁ ଅବକାରୀ କର୍ମଚାରୀମାନେ ଜବତ କରିଥିଲେ। ଅବକାରୀ କର୍ମଚାରୀ ମହୁଲ ଫୁଲ ସହ ବୃଦ୍ଧଙ୍କୁ ଗିରଫ କରି ଅବକାରୀ ବିଭାଗ କାର୍ଯ୍ୟାଳୟକୁ ଆଣିଥିଲେ। ଗିରଫ ବ୍ୟକ୍ତି ହେଲେ ହୁତାଶନ ରଣା (୭୨)। ଜବତ୍ ମହୁଲ ଫୁଲକୁ କାର୍ଯ୍ୟାଳୟକୁ ଆଣି ଓଜନ କରା ଯାଇଥିବା ବେଳେ ଏହା ୭ କ୍ୱିଣ୍ଟାଲ ୨୦କେଜି ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ହୁତାଶନକୁ କଣ୍ଟାମାଳ ଜେଏମଏଫ୍‌ସି କୋର୍ଟ ଚାଲାଣ କରାଯାଇଥିବା ବୌଦ୍ଧ ଅବକାରୀ ମୋବାଇଲ ସ୍କ୍ୱାଡ୍ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି।

# ଲୋକଙ୍କ ଶୋଷ ମେଣ୍ଟାଇ ପାରୁନି ପାନୀୟ ଜଳ ପ୍ରକଳ୍ପ

**ଶଗଡ଼ା, ୧୦।୫(ସମିସ):** ସରକାର ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦେବାକୁ ଅନେକ ଯୋଜନା ପ୍ରଣୟନ କରି ବାର୍ଷିକ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ସାଧାରଣ ଲୋକେ ପାନୀୟ ଜଳ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ କଣ୍ଟାମାଳ ବ୍ଲକ ପଲସାଗୋରା ପଞ୍ଚାୟତ ସଦର ବସ୍‌ଷ୍ଟାଣ୍ଡ ନିକଟରେ ଥିବା ପାନୀୟ ଜଳ ପ୍ରକଳ୍ପ ଦୀର୍ଘ ୧ ବର୍ଷରୁ ଅଧିକ ହେବ କୌଣସି ଯାନ୍ତ୍ରିକ ତ୍ରୁଟି କାରଣରୁ ଅଚଳ ହୋଇ ପଡ଼ିଛି। ଯାହାଫଳରେ ବସରେ



ଯାତାୟତ କରୁଥିବା ଏବଂ ବସକୁ ଅପେକ୍ଷା କରିଥିବା ଯାତ୍ରୀମାନେ ପ୍ରଚଣ୍ଡ ଖରାରେ ପାଣି ଟୋପାଏ ପିଇବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଏପରିକି ଛୋଟ ଛୁଆଠାରୁ ଆରମ୍ଭ କରି ବୃଦ୍ଧ ବୃଦ୍ଧାମାନେ ପାଣି ଟୋପାଏ ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାଣି ପିଇବା ପାଇଁ ସାଧାରଣ ଲୋକେ ବହୁତ ହଇରାଣ ହରକତ ହେଉଥିବା ଦେଖିବାକୁ ମିଳୁଛି। ଏହି ପାନୀୟ ଜଳ ପ୍ରକଳ୍ପକୁ ଚାଲୁ କରିବା ପାଇଁ ଅନେକ ଲୋକ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ ଏହାର କୌଣସି ସମାଧାନ ଆଜି ଯାଏ ହେଉନି। ପ୍ରଚଣ୍ଡ ଖରାକୁ ଦୃଷ୍ଟିରେ ରଖି ଲୋକଙ୍କ ପାନୀୟ ଜଳର ଆବଶ୍ୟକତାକୁ ବିଭାଗୀୟ ଅଧିକାରୀ କିଭଳି ପୂରଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

## ଭାରତୀୟ କିଷାନ ସଂଘ ପକ୍ଷରୁ ଅକ୍ଷୟ ତୃତୀୟା ପାଳିତ

**ବୌଦ୍ଧ, ୧୦।୫(ସମିସ):** ବୌଦ୍ଧ ବ୍ଲକ ଅନ୍ତର୍ଗତ ପୋଡାବଲସ ଗ୍ରାମଠାରେ ଭାରତୀୟ କିଷାନ ସଂଘ ବୌଦ୍ଧ ଜିଲ୍ଲା ଶାଖା ଆନୁକୂଲ୍ୟରେ ଅକ୍ଷୟ ତୃତୀୟା ପାଳିତ ହୋଇଛି। ପ୍ରଭୁ ବଳରାମଙ୍କୁ ପାରମ୍ପରିକ ପୂଜାର୍ଚ୍ଚନା ପରେ ଅକ୍ଷୀମୁଠି ଅନୁକୂଳ କରାଯାଇଛି। ଏହି କାର୍ଯ୍ୟକ୍ରମରେ କର୍ତ୍ତା ଭାବରେ ସହଦେବ ବାରିକ ଦାୟିତ୍ୱ ତୁଲାଇଥିବା ବେଳେ ପୂଜକ ନବୀନ ହୋତା ପୂଜା କାର୍ଯ୍ୟ ସମ୍ପାଦନ କରିଛନ୍ତି। ଭାରତୀୟ କିଷାନ ସଂଘ ବୌଦ୍ଧ ଜିଲ୍ଲା ସଭାପତି ଭୋଳାଗିରି ସାହୁ, ରାଜ୍ୟ ସହ ସମ୍ପାଦକ ବିଶିକେଶନ ପ୍ରଧାନ, ଭାରତୀୟ କିଷାନ ସଂଘ ପୂର୍ବତନ ସଭାପତି ନବୀନ ପ୍ରଧାନ, ଚାଷୀ ମୃତ୍ୟୁଞ୍ଜୟ ଭଞ୍ଜ, ରବୀନ୍ଦ୍ର ଦେଓ, ଦାଶରଥି ବାରିକ, ଗଦାଧର ମହାକୁଳ, ରାଜେଶ୍ୱର ବାରିକ, କମ୍ବୁ ପାଣ୍ଡେ, କମ୍ବୁ ବେହେରା, ନୃତ୍ୟ ପ୍ରଧାନ, ପ୍ରେମାନନ୍ଦ ପ୍ରଧାନ, ଗଦାଧର ମହାକୁଳ,



ସୁରେନ୍ଦ୍ର ବେହେରା, ଭଗବାନ ପ୍ରଧାନ, ଅଶୋକ ନାଏକ, ନିତ୍ୟାନନ୍ଦ କର୍ଣ୍ଣ ଯୁଧିଷ୍ଠିର ପ୍ରଧାନ, ରଞ୍ଜନ ପ୍ରଧାନ ଏବଂ ସ୍ଥାନୀୟ ଅଞ୍ଚଳରୁ ଆସିଥିବା କୃଷକ ହଳିଆ ଗୀତ ଗାଇ ହଳ କରି ଅକ୍ଷୀମୁଠି ଅନୁକୂଳ କରିଛନ୍ତି।

## ମର୍ଜାକୁଦ୍ ସେତୁ ଉପରେ ଦୁର୍ଘଟଣା, ବୃଦ୍ଧ ଗୁରୁତର

**ବୌଦ୍ଧ, ୧୦।୫(ସମିସ):** ଶୁକ୍ରବାର ଦିନ ପ୍ରାୟ ୧୦ ଘଣ୍ଟା ସମୟରେ ବୌଦ୍ଧ ମର୍ଜାକୁଦ ମହାନଦୀ ସେତୁ ଉପରେ ଚାଲିଚାଲି ଆସୁଥିବା ଜଣେ ବୃଦ୍ଧଙ୍କୁ ଏକ ବାଇକ ଧକ୍କା ଦେବାଫଳରେ ବୃଦ୍ଧ ଜଣକ ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ମର୍ଜାକୁଦର ନିରଞ୍ଜନ ସେଠୀ କୌଣସି କାମରେ ଚାଲି ଚାଲି ବୌଦ୍ଧ ଆଡକୁ ଆସୁଥିବା ବେଳେ ପଛରୁ ଆସୁଥିବା ଏକ ବାଇକ ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଫଳରେ ନିରଞ୍ଜନ ଗୁରୁତର ଆହତ ହୋଇ ରାସ୍ତା ଉପରେ ପଡ଼ିରହିଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ଭୀମସାରକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

## ପକୁଡ଼ିଖାଇ ଶିଶୁ ଓ ମହିଳାଙ୍କ ସମେତ ୧୫ ଅସୁସ୍ଥ

**ସୁବଳୟା/ଉଲୁଣ୍ଡା, ୧୦।୫(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ପଞ୍ଚମହଲା ଅଧୀନ ଜଗନ୍ନାଥପାଲି ଗ୍ରାମରେ ଶୁକ୍ରବାର ପକୁଡ଼ି ଖାଇ ପନ୍ଦରରୁ ଊର୍ଦ୍ଧ୍ୱ ଲୋକ ଅସୁସ୍ଥ ହୋଇଛନ୍ତି।



ଅସୁସ୍ଥଙ୍କୁ ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ ଶୁକ୍ରବାର ସକାଳେ ଗ୍ରାମର ସୁବାସିନୀ ଭରାସାଗର ଘରେ ପକୁଡ଼ି କରିଥିଲେ। ସକାଳୁ ଘରର ଶିଶୁ ଓ ମହିଳାଙ୍କ ସମେତ ମୋଟ ପନ୍ଦରରୁ ଊର୍ଦ୍ଧ୍ୱ ଲୋକ ପକୁଡ଼ି ଖାଇଥିଲେ। ତେବେ କିଛି ସମୟ ମଧ୍ୟରେ ସମସ୍ତଙ୍କ ମଧ୍ୟରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇଥିଲା। କିଛି ଲୋକ ଚେତାଶୂନ୍ୟ ହୋଇଥିବା ବେଳେ ଆଉ କିଛି ଲୋକଙ୍କ ମୁଣ୍ଡ ବୁଲାଇଥିଲା। ତୁରନ୍ତ ସମସ୍ତଙ୍କୁ ଆମ୍ବୁଲାନ୍ସ ଯୋଗେ ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ବର୍ତ୍ତମାନ ସମସ୍ତେ ଚିକିତ୍ସାଧୀନ ଅଛନ୍ତି। ଅସୁସ୍ଥ ହୋଇଥିବା ବ୍ୟକ୍ତିମାନେ ହେଲେ ଗଞ୍ଜିଆ ଭରାସାଗର, କାହ୍ନା ଭରାସାଗର, ପୁର ଭାରସାଗର, କଳ୍ପନା ମଲ୍ଲିକ, ମୀନକେତନ ମଲ୍ଲିକ, ସୁଦାସିନି ଭରାସାଗର, ସନ୍ତୋଷ ଶିକା, ପବିତ୍ର ଭରାସାଗର, ଭୂମିସୁତା ଭରାସାଗର, ଅର୍ଚ୍ଚିତା ଭରାସାଗର, ଅମ୍ରିତା ଭରାସାଗର ପ୍ରମୁଖ ଅସୁସ୍ଥ ହୋଇଛନ୍ତି।

● ଖୁଣ୍ଟିଗୋରା ରାତ୍ରିକାଳିନ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ମୋହନଗିରିକୁ ହରାଇ ଡୁମାଲପାଲି ସେମିରେ



**କଣ୍ଟାମାଳ, ୧୦।୫(ସମିସ):** କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ଖେଳପଡ଼ିଆରେ ଚାଲିଥିବା କ୍ରିକେଟ ପ୍ରତିଯୋଗିତାର ଚତୁର୍ଥ ସନ୍ଧ୍ୟାରେ ଡୁମାଲପାଲି ଏମ୍‌ଏମ୍‌ସିସି ଓ ମୋହନଗିରି ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଡୁମାଲପାଲି ଦଳ ବିଜୟୀ ହୋଇ ଚତୁର୍ଥ ଦଳ ଭାବେ ସେମି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି। ନିରୋଜ ସାହୁ, ଲକି ସାହୁ, ଲମ୍ବୋଦର ବେହେରା ଓ କେଦାର ସାହୁ ଖେଳ ପରିଚାଳନା କରିଥିଲେ। ଧୀରେନ୍ଦ୍ର ସାହୁ ଓ ସୁଶାନ୍ତ ବାରିକ ଧାରାବିବରଣୀ ପ୍ରଦାନ କରିଥିଲେ। ଭକ୍ତ ସାହୁ ଓ ଘନଶ୍ୟାମ ବାଘ ସ୍କୋରର ଦାୟିତ୍ୱ ତୁଲାଇ ଥିଲେ। ଆଜିର ମ୍ୟାଚରେ ସମାଜସେବୀ ଅଭିରାମ ରଣା, ଶିକ୍ଷକ ଅନୀଲ ସାହୁ, ସୁବୋଧ ସାହୁ, ବ୍ୟବସାୟୀ ନିରୋଜ ସାହୁ, ଇଞ୍ଜିନିୟର ଶ୍ୟାମସୁନ୍ଦର ସାହୁ, ଲକ୍ଷ୍ମଣ ଟୁଡୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରଫୁଲ୍ଲ ଥାଟି, ଅଂଶୁମାନ ସାହୁ, ଓମ୍ ସାହୁ, ହରି ଭୋଇ, ବିଜୁ ଭୋଇ ସମେତ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ସାମ୍ବାଦିକ ଦୁର୍ବାକ୍ଷା ବସ୍ତିଆଙ୍କୁ ଶ୍ରଦ୍ଧାଞ୍ଜଳି



**କଣ୍ଟାମାଳ, ୧୦।୫(ସମିସ):** ବରିଷ୍ଠ ସାମ୍ବାଦିକ ତଥା କଣ୍ଟାମାଳ ବ୍ଲକ ସାମ୍ବାଦିକ ସଙ୍ଘର ପୂର୍ବତନ ସଭାପତି ଦିବଂଗତ ଦୁର୍ବାକ୍ଷା ବସ୍ତିଆଙ୍କ ତୃତୀୟ ଶ୍ରାଦ୍ଧ ଦିବସ ପଲସାଗୋରା ଠାରେ ପାଳିତ ହୋଇଯାଇଛି। ସଙ୍ଘର ବରିଷ୍ଠ ଉପଦେଷ୍ଟା ଦିବ୍ୟଶଙ୍କର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଉପସଭାପତି ପ୍ରଭାତ କୁମାର ସାହୁ, ସମ୍ପାଦକ ପୂର୍ଣ୍ଣଚରଣ ସାହୁ, ସଦସ୍ୟ ବଂଶୀଧର ମାଝୀ, ଦେବାଶିଷ ମଲିକ, ରଞ୍ଜନ କୁମାର ପାତ୍ର, ଅନନ୍ତ ଖମାରି, ରବୀନ୍ଦ୍ର କର୍ଣ୍ଣ ଯୋଗଦେଇ ସ୍ୱର୍ଗତ ଶ୍ରୀ ବସ୍ତିଆଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ସ୍ମୃତିଚାରଣ କରିଥିଲେ।

## ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା



**ସୁବଳୟା, ୧୦।୫(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତ ଅଧୀନ ରଥପୁର ଛକ ନିକଟରେ ଚବିଶ ପ୍ରହରୀ ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଶୁକ୍ରବାର ସକାଳୁ ନିକଟସ୍ଥ ଜୋର୍ ନିକଟରେ ଗଙ୍ଗା ମାତାଙ୍କ ଆବାହନ କରି ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ଜଳପୂର୍ଣ୍ଣ କଳସି ଧରି ନଗର ପରିକ୍ରମା କରାଯାଇ ନାମମଣ୍ଡପ ଠାରେ କଳସ ସ୍ଥାପନ କରାଯାଇଥିଲା। ଏଥିରେ ପୂଜକ ଶିବ ପ୍ରସାଦ ପାଣିଗ୍ରାହୀ ପୂଜା କାର୍ଯ୍ୟ ଏବଂ ସ୍ୱାଧୀନ ଖଟୁଆ ଓ ଧର୍ମପତ୍ନୀ ସବିତା ଖଟୁଆ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଅଞ୍ଚଳର ବହୁ ସଂଖ୍ୟକ ମହିଳା ଓ ପୁରୁଷ ଶୋଭାଯାତ୍ରା ସାମିଲ ହୋଇଥିଲେ।

## କେନଝିରିଆପାଲି ମଠରେ ଅକ୍ଷୟ ତୃତୀୟା ପାଳିତ

**ସୁବଳୟା, ୧୦।୫(ସମିସ):** ବିରାମହରାଜପୁର ବ୍ଲକ କେନଝିରିଆପାଲି ହରେରାମ ପ୍ରେମାନନ୍ଦ ଯୋଗାଶ୍ରମ ଠାରେ ସିଦ୍ଧ ଯୋଗୀ ସନ୍ଥ ପ୍ରେମାନନ୍ଦ ପୁରୀ ଜୀଙ୍କ ଶ୍ରାଦ୍ଧଦିବସ ଓ ଅକ୍ଷୟ ତୃତୀୟା ପର୍ବ ସମାରୋହ ପାଳିତ ହୋଇଛି। ଶୁକ୍ରବାର ସକାଳେ ସନ୍ଥଙ୍କ ଫୋଟୋ ପୂଜନ କରି ଭଗବତ ପରାୟଣ ଓ ମହାମନ୍ତ୍ର ସଂକୀର୍ତ୍ତନ କରାଯାଇ ଥିଲା। ବାବାଙ୍କ ଶିଷ୍ୟ ଓ ଅନୁଗାମୀମାନେ ତାଙ୍କ ଜୀବନୀ ଓ ସତ୍



କାର୍ଯ୍ୟଗୁଡ଼ିକର ଆଲୋଚନା କରିଥିଲେ। ଦେବଗଡ଼ ରେଙ୍ଗାଲପାଳଠାରେ ତାଙ୍କ ଆଶ୍ରମ ରହିଥିବା ବେଳେ ସେ ଶଙ୍କରାଚାର୍ଯ୍ୟଙ୍କ ଅନୁଗାମୀ। ଅକ୍ଷୟ ତୃତୀୟାରେ ରଥ ଅନୁକୂଳ ଓ ଚାଷ ଅନୁକୂଳ ହୋଇଥାଏ। ଏଣୁ ମଠରେ ଲକ୍ଷ୍ମୀନାରାୟଣଙ୍କ ପୂଜନ କୃଷି ଉପକରଣ ପୂଜନ ପରେ ବିହନ ବୁଣିବାର ଶୁଭାରମ୍ଭ କରିଥିଲେ। ଏହି ଉତ୍ସବରେ ଭାଗବତ କଥା ବାଚକ ସତ୍ୟମୋହନ ଦେଓ, ବଂଶାଜାଲ ପାହାଡ଼ ଆଶ୍ରମର ମହନ୍ତ ଶଙ୍କରାନନ୍ଦ, ପୁରୀ ଚନ୍ଦଲି ମଠର ମହନ୍ତ ହରିଶଙ୍କର ହନୁମାନ ମଠର ମହନ୍ତ ସ୍ୱାଧି ତପସ୍ୱିନୀ ଦେବୀ ଯୋଗଦେଇଥିଲେ।

## ବ୍ରହ୍ମ ସମାଜ ପକ୍ଷରୁ ପର୍ଶୁରାମ ଜୟନ୍ତୀ ପାଳିତ

**ବିନିକା, ୧୦।୫(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ଅଞ୍ଚଳର ବ୍ରହ୍ମ ସମାଜ ପକ୍ଷରୁ ଶୁକ୍ରବାର ପବିତ୍ର ଅକ୍ଷୟ ତୃତୀୟା ଓ ପର୍ଶୁରାମ ଜୟନ୍ତୀ ପାଳନ କରାଯାଇଛି। ବ୍ଲକର ସମସ୍ତ ଗ୍ରାମରୁ ବ୍ରାହ୍ମଣମାନେ ଆସି ବିନିକା ସହର ଜଗନ୍ନାଥ ମନ୍ଦିରରେ ଏକତ୍ରିତ ହୋଇଥିଲେ। ପରେ ବ୍ରହ୍ମ ସମାଜ ସଭାପତି ସନ୍ତୋଷ ପଣ୍ଡାଙ୍କ ନେତୃତ୍ୱରେ ଏକ ବାଇକ ଶୋଭାଯାତ୍ରା ହୋଇଥିଲା। ଏଥିରେ ଶହ ଶହ ସଂଖ୍ୟାରେ ଲୋକ ସାମିଲ ହୋଇ ରଥପଡ଼ା, ଚଣ୍ଡୀପଡ଼ା, କଂସାରିପଡ଼ା ଦେଇ ଦୁର୍ଗା ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା କରାଯିବା ପରେ ଉର୍ଲେ, ଭ୍ରମରପାଳି ଦେଇ ବ୍ଲକର ବିଭିନ୍ନ ଗ୍ରାମରେ ବାଇକ ଶୋଭାଯାତ୍ରା କରାଯାଇଥିଲା। ଭଜନ ସଂକୀର୍ତ୍ତନରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।



**ବଢ଼ି ଚାଲିଛି ମଶାଙ୍କ ପ୍ରାଦୁର୍ଭାବ**

# ଗରମ ସହ ମଶା ଯୋଗୁଁ ଲୋକେ ଅତିଷ୍ଠ

**ସୋନପୁର, ୧୦।୫(ସମିସ)**



କିଛି ଦିନ ହେଲା ସୋନପୁର ସହରରେ ମଶାଙ୍କ ପ୍ରାଦୁର୍ଭାବ ଯୋଗୁଁ ଘରେ ବାହାରେ କୌଣସି ଜାଗାରେ ଶାନ୍ତିରେ ରହି ହେଉ ନାହିଁ। ପ୍ରବଳ ଗରମ ଯୋଗୁଁ ସଞ୍ଜ ନଇଁଲେ ଲୋକେ ଘରୁ ପଦାକୁ ବାହାରି ପଡୁଛନ୍ତି। ତେବେ ଯିବେ କେଉଁଠିକି, ଯେଉଁଠି ବି ଛିଡ଼ା ହେବେ ମଶା ଭଣ ଭଣ। ସତେ ଯେମିତି ସାରା ସୋନପୁର ସହରକୁ ଏମାନେ କବ୍‌ଜା କରି ଦେଲେଣି। ସପ୍ତାହେ ହେଲା ପ୍ରବଳ ତାତିରେ ଲୋକେ ଅତିଷ୍ଠ ହୋଇ ଯାଉଥିଲେ। ଗୁରୁବାର ଅଛରାଏ ବର୍ଷା ପଡ଼ିବାରୁ ଗରମରୁ ଟିକେ ରକ୍ଷା ମିଳିଥିବା ବେଳେ ମଶାର ପ୍ରାଦୁର୍ଭାବ ଆହୁରି ବଢ଼ି ଯାଇଛି। ବସ୍‌ଷ୍ଟାଣ୍ଡର ଏହି ଚିତ୍ର ହିଁ ବୟାନ କରୁଛି କେତେ ମାତ୍ରାରେ ବଢ଼ି ଯାଇଛି ମଶାଙ୍କ ପ୍ରାଦୁର୍ଭାବ। ସୋନପୁର ବସ୍‌ଷ୍ଟାଣ୍ଡରେ ରାତ୍ରି ଯାପନ କରୁଥିବା ଜଣେ ବସ୍ କର୍ମଚାରୀ ବସ୍ ଉପରେ ମଶାରୀ ଟାଣି ଶୋଇଛନ୍ତି। ସେ କହିଛନ୍ତି ପୂର୍ବରୁ ଏଠି ମଶାରୀ ଦେବାକୁ ପଡୁ ନ ଥିଲା। କିନ୍ତୁ ଏବେ ଏଭଳି ସ୍ଥିତି ହେଲାଣି ମଶା ଯୋଗୁଁ ଶାନ୍ତିରେ ବସି ହେଉ ନାହିଁ, ଶୋଇବା ତ ଦୂରର କଥା। ମଶାରୀ ଯୋଗୁଁ ପ୍ରବଳ ଗରମ ଲାଗୁଥିଲେ ମଧ୍ୟ ମଶାରୀ ଦେବାକୁ ପଡୁଛି। ରାତ୍ରିକାଳିନ ବସ୍ ଅପେକ୍ଷା କରି ରହୁଥିବା ବସ୍‌ଯାତ୍ରୀ ମାନେ ମଶା ଯୋଗୁଁ ଖୁବ୍ ହଇରାଣ ହେଉଛନ୍ତି। ବସ୍ ପାଇଁ ଅପେକ୍ଷା କରି ରହିଥିବା ଯାତ୍ରୀମାନେ ଗୋଟିଏ ସ୍ଥାନରେ ନବସି କିମ୍ବା ଛିଡା ନ ହୋଇ ବସ୍‌ଷ୍ଟାଣ୍ଡରେ ବୁଲାବୁଲି କରିବା ପାଇଁ ପସନ୍ଦ କରୁଛନ୍ତି। ସହରର ବିଭିନ୍ନ ଡ୍ରେନ ଅଳିଆ ଆବର୍ଜନାରେ ପୁରି ଯାଇଥିବା ଯୋଗୁଁ ଏଭଳି ସ୍ଥିତି ଉପୁଜିଥିବା ନେଇ ମତ ପ୍ରକାଶ ପାଇଛି। ଗୋକର୍ଣ୍ଣେଶ୍ୱର ପଡ଼ା ନିକଟସ୍ଥ ଏକ ଜ୍ୱେଲେରୀ ଦୋକାନ ନିକଟରେ ଥିବା ଡ୍ରେନ ମାଟି ଓ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇଗଲାଣି। ଗନ୍ଧ ଯୋଗୁଁ ଏହି ସ୍ଥାନ ଦେଇ ଯାତାୟାତ କରିହେଉ ନାହିଁ। ସେହିପରି ବସ୍‌ଷ୍ଟାଣ୍ଡ ପାଣିଗ୍ରାହୀ ଔଷଧ ଦୋକାନ ସମ୍ମୁଖରେ ଥିବା ଡ୍ରେନ୍‌ରୁ ଦୁର୍ଗନ୍ଧ ବାହାରୁଛି। ପଞ୍ଚରଥ ମନ୍ଦିର ବାମକଡ଼ରେ ବିପଦପୂର୍ଣ୍ଣ ଭାବେ ଖୋଲା ଭାବେ ଏକ ବଡ଼ ଡ୍ରେନ୍ ରହିଛି। ବିଭିନ୍ନ ସ୍ଥାନରେ ଏଭଳି ଆବର୍ଜନା ଡ୍ରେନ୍ ଯୋଗୁଁ ଦୁର୍ଗନ୍ଧ ହେବା ସହିତ ମଶାଙ୍କ ବଂଶ ବୃଦ୍ଧିରେ ସହାୟକ ହେଉଛି। ଅନ୍ୟପକ୍ଷରେ ସୋନପୁର ସହରର ବିଭିନ୍ନ ସ୍ଥାନରେ ମଶାମରା ଲିକ୍ୱିଡ୍ ସିଞ୍ଚା ଯାଉଛି। ସମୟ ସମୟରେ ମଶାମରା ଗ୍ୟାସ ସ୍ପ୍ରେ କରାଯାଉଛି ବୋଲି ପୌରାଧ୍ୟକ୍ଷା ତାମସି ତାମସ୍ମିତା ନାଏକ କହିଛନ୍ତି। ତେବେ ସହର ସାରା ମଶାଙ୍କ ବଂଶ ବୃଦ୍ଧି ପାଇଥିବାରୁ ଏହାର ପ୍ରତିହତ ପାଇଁ ଶୀଘ୍ର ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ୫ ଥର ସାଂସଦ, ୨ ଥର ମନ୍ତ୍ରୀ ହୋଇଥିବା ବ୍ୟକ୍ତି ଜିଲ୍ଲା ପାଇଁ କ'ଣ କରିଛନ୍ତି?






**ରାଉରକେଲା, ୧୦ ।୫ (ସମିସ)**

ସୁନ୍ଦରଗଡ଼ ଜିଲ୍ଲାବାସୀଙ୍କ ଆଶୀର୍ବାଦରେ ୫ ଥର ସାଂସଦ ଓ ୨ ଥର ମନ୍ତ୍ରୀ ହୋଇଥିବା ବ୍ୟକ୍ତି ଜିଲ୍ଲା ପାଇଁ କ'ଣ କରିଛନ୍ତି ବୋଲି ରାଜଗାଙ୍ଗପୁର ଜାମପାଲିଠାରେ ଆୟୋଜିତ ବିଜେଡିର ନିର୍ବାଚନୀ ସଭାରେ ଯୋଗଦେଇ ପ୍ରଶ୍ନ କରିଛନ୍ତି ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ୍। ସେ କହିଲେ ଯେ ଆପଣ ଆଶୀର୍ବାଦ କରି ରାଜଗାଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଯାହାକୁ ବିଧାୟକ କରି ୫ ବର୍ଷ ସୁଯୋଗ ଦେଲେ ସେ ଆପଣଙ୍କ ପାଇଁ କ'ଣ କରିଛନ୍ତି? ମୁଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିଲି। ଆପଣଙ୍କ ବିଧାୟକ ଥରେ ବି ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଆସିନାହାନ୍ତି କି ରାଜଗାଙ୍ଗପୁରର ବିକାଶ ପାଇଁ କୌଣସି ପ୍ରସ୍ତାବ ଦେଇନାହାନ୍ତି।

ପାଣ୍ଡିଆନ୍ ଶୁକ୍ରବାର ସୁନ୍ଦରଗଡ଼ ଜିଲ୍ଲା ସବଡେଗାଠାରେ ନିର୍ବାଚନୀ ସଭାରେ ଯୋଗଦେବା ପରେ ସେଠାରୁ ହେଲିକପ୍ଟର ଯୋଗେ ଆସି ରାଜଗାଙ୍ଗପୁର ଜାମପାଲି ପଡ଼ିଆରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇଥିଲେ। ପ୍ରଥମେ ସମବେତ ଜନତାଙ୍କୁ କେମିତି ଅଛନ୍ତି ବୋଲି କହିବା ସହ ଆପଣଙ୍କ ଭଲରେ ରହିବା ଦେଖି ବିରୋଧୀଙ୍କ ନିଦ ଭାଙ୍ଗିଯିବ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କ ପାଇଁ ମିଶନ ଶକ୍ତି ଯୋଜନାଠାରୁ ଆରମ୍ଭ କରି ଲକ୍ଷ୍ମୀ ବସ ଚଳାଚଳ, ମଧୁବାବୁ ପେନସନ, ମମତା ଯୋଜନା, କାଳିଆ ଯୋଜନା, ୫-ଟି ରୂପାନ୍ତରଣ, ମନ୍ଦିର, ମସଜିଦ, ଚର୍ଚ୍ଚର ଉନ୍ନତୀକରଣ, ବେଦବ୍ୟାସ ଶୈବପୀଠର ଉନ୍ନତୀକରଣ, ରେଲୱେ ଫ୍ଲାଏଓଭର

> **ରାଜଗାଙ୍ଗପୁର ସଭାରେ ପ୍ରଶ୍ନ ଉଠାଇଲେ କାର୍ତ୍ତିକ ପାଣ୍ଡିଆନ**
>
> **ବିଜେପି ସରକାର ୧୦ ବର୍ଷରେ ୨୦ କୋଟି ନିଯୁକ୍ତି ଦେବା ଘୋଷଣା ଗଲା କୁଆଡ଼େ**
>
> **ନିର୍ବାଚନ ଆସିଲେ ବିରୋଧୀ କୁମ୍ଭୀର କାନ୍ଦଣା କାନ୍ଦନ୍ତି**
>
> **୯୦ ପ୍ରତିଶତ ଲୋକଙ୍କୁ ମାଗଣା ବିଜୁଳି, ସମସ୍ତଙ୍କୁ ବିଏସକେୱାଇରେ ଅନ୍ତର୍ଭୁକ୍ତ କରାଯିବ**

ବ୍ରିଜ, ରାଉରକେଲାରେ ବିଶ୍ୱସ୍ତରୀୟ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍ ଆଦି କରି ଏବେ ବେଶ୍ ଲୋକପ୍ରିୟ ହୋଇପାରିଛନ୍ତି। ରାଜଗାଙ୍ଗପୁରରେ ଯୁବନେତା ଅନିଲ ବରୁଆ ଓ ସୁନ୍ଦରଗଡ଼ ଲୋକସଭା ନିର୍ବାଚନ ମଣ୍ଡଳୀରେ ଦିଲୀପ ତିର୍କୀଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରିଛନ୍ତି। ଉଭୟଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ସେ ଅନୁରୋଧ କରିଥିଲେ। ଆପଣଙ୍କ ସୁଖଦୁଃଖର ସାଥୀ ହେଉଛନ୍ତି ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଆପଣଙ୍କ ଖୁସିରେ ନବୀନ ପଟ୍ଟନାୟକ ଖୁସି ହୁଅନ୍ତି। ଆପଣଙ୍କ ସେବା ପାଇଁ ୨ ଜଣ ଯୁବ ସୁଲଭ ନେତା ଅନିଲ ବରୁଆ ଓ ଦିଲୀପ ତିର୍କୀଙ୍କୁ ବାଛିଛନ୍ତି। ଆପଣମାନେ ସେମାନଙ୍କୁ ଶଙ୍ଖ ଚିହ୍ନରେ ମୋହର ମାରି ଆଶୀର୍ବାଦ କରିବାକୁ ସେ ଅନୁରୋଧ କରିଥିଲେ।

ସେହିପରି ୨୦୧୪ ଓ ୨୦୧୯ ନିର୍ବାଚନରେ ବିଜେପି ନିଜ ନିର୍ବାଚନୀ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲା ଯେ ବିଜେପି ସରକାର କେନ୍ଦ୍ରରେ ଆସିଲେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ହ୍ରାସ କରିବ। ଏଲପିଜି ଗ୍ୟାସ, ପେଟ୍ରୋଲ, ଡିଜେଲ ଦର ହ୍ରାସ ହେବ। ମାତ୍ର ତାହା ହେଲା କି ବୋଲି ପାଣ୍ଡିଆନ୍ ପ୍ରଶ୍ନ କରିଥିଲେ। ବିଜେପି ପକ୍ଷରୁ କୁହାଯାଇଥିଲା ଯେ ପ୍ରତିବର୍ଷ ୨ କୋଟି ନିଯୁକ୍ତି ଦିଆଯିବ। ଏହି ହିସାବରେ ୧୦ ବର୍ଷରେ ୨୦ କୋଟି ଲୋକଙ୍କୁ ନିଯୁକ୍ତି ମିଳିଥାଆନ୍ତା। ସେଥିରୁ ଓଡ଼ିଶା ଭାଗରେ ୮୦ ଲକ୍ଷ ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ୫ରୁ ୬ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଥାଆନ୍ତା।



ବିଜେପି ସରକାରକୁ ଆସିବା ପରେ ତା'ର ପ୍ରତିଶ୍ରୁତି ରଖିପାରିନାହିଁ। ବିଜେପି ବଡ଼ ବଡ଼ ପ୍ରତିଶ୍ରୁତି ଦେଇ କେବଳ ମିଛ କଥା କହି ଆପଣମାନଙ୍କୁ ଭୁଆଁ ବୁଲାଇଛି। ଏବେ ନିର୍ବାଚନ ଆସିବାରୁ ସେମାନେ ଆସି ପୁଣି ବଡ଼ ବଡ଼ ପ୍ରତିଶ୍ରୁତି ଦେଇ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ଏବଂ ଭୋଟଭିକ୍ଷା କରୁଛନ୍ତି। ତେଣୁ ଏବେ ସମୟ ଆସିଛି ଆପଣଙ୍କୁ ସତର୍କ ରହିବାକୁ ପଡ଼ିବ। ଏହି ମିଛ ପ୍ରତିଶ୍ରୁତି ଦେଉଥିବା ବିଜେପି ନେତାମନ୍ତ୍ରୀଙ୍କୁ ଚିହ୍ନିବା ସମୟ ଆସିଛି। ଆପଣମାନେ ଆଉ ସେମାନଙ୍କୁ ସୁଯୋଗ ଦେବେ ନାହିଁ। ଆପଣମାନେ ଏବେକାର ସାଂସଦଙ୍କୁ ୫ଥର ସୁଯୋଗ ଦେଇଛନ୍ତି। ମାତ୍ର ଜିଲ୍ଲା ପାଇଁ ସେ କିଛି କରିନାହାନ୍ତି। ଏଥର ଯୁବପିଢ଼ି ଦିଲୀପ ତିର୍କୀଙ୍କୁ ସୁଯୋଗ ଦିଅନ୍ତୁ। ଯଦି ସୁନ୍ଦରଗଡ଼ ଜିଲ୍ଲା ଆଜି ବିଶ୍ୱ ମାନଚିତ୍ରରେ ସ୍ଥାନ ପାଇଛି, ତାହା କେବଳ ଯୁବ ହକି କ୍ୟାପଟେନ୍ ଦିଲୀପ ତିର୍କୀଙ୍କ ପାଇଁ। ସୁନ୍ଦରଗଡ଼ ଜିଲ୍ଲାର ସମ୍ମାନ ବୃଦ୍ଧି କରିଥିବା ଦିଲୀପ ତିର୍କୀଙ୍କୁ ଆଶୀର୍ବାଦ କରିବାକୁ ସେ ଅନୁରୋଧ କରିଥିଲେ।

ମୁଖ୍ୟମନ୍ତ୍ରୀ ଗତ କାଲି ବହୁ ବଡ଼ ଜନହିତକର ଯୋଜନା ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କଥା କମ୍ କୁହନ୍ତି ଏବଂ କାମ ବେଶୀ କରନ୍ତି। ଓଡ଼ିଶାର ୯୦ ପ୍ରତିଶତ ଲୋକଙ୍କୁ ଆସନ୍ତା ଜୁଲାଇ ମାସରୁ ବିଦ୍ୟୁତ ବିଲ୍ ଦେବାକୁ ପଡ଼ିବ ନାହିଁ। ଏହା ହେଉଛି ନବୀନ ଇଞ୍ଜିନ୍। ଯେଉଁ ରାଜ୍ୟରେ ଡବଲ ଇଞ୍ଜିନ୍ ଚାଲିଛି ସେଠାରେ ମାତ୍ର ୪ ପ୍ରତିଶତ ଛାତ୍ର ବୃତ୍ତି ପାଉଥିବା ବେଳେ ଏହି ରାଜ୍ୟରେ ୯୫ ପ୍ରତିଶତ ଛାତ୍ରଛାତ୍ରୀ ବୃତ୍ତି ପାଉଛନ୍ତି। ଏଠାରେ ଜଣେ କେନ୍ଦ୍ରମନ୍ତ୍ରୀ ଅଛନ୍ତି ଯିଏ କି ଏବେ ଶିକ୍ଷା ବିଭାଗରେ ରହିଛନ୍ତି। ହେଲେ ଓଡ଼ିଶାରେ ଗୋଟିଏ ବି ଅନୁଷ୍ଠାନ କି କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା କରିପାରିଲେ ନାହିଁ। ଏଭଳି ଲୋକଙ୍କୁ ଆଦୌ ବିଶ୍ୱାସ କରନ୍ତୁ ନାହିଁ। ୫ ବର୍ଷରେ ଥରେ ଆପଣଙ୍କୁ ଭୋଟ ଦେବାକୁ ସୁଯୋଗ ମିଳେ। ତେଣୁ ଏହି ସୁଯୋଗର ସଦୁପଯୋଗ କରି ଉଚିତ ପ୍ରାର୍ଥୀଙ୍କୁ ଚୟନ କରନ୍ତୁ। ଯୋଡ଼ି ଶଙ୍ଖରେ ବିପୁଳ ସଂଖ୍ୟାରେ ମତଦାନ କରି ରାଜଗାଙ୍ଗପୁର ବିଧାୟକ ପ୍ରାର୍ଥୀ ଅନିଲ ବରୁଆ ଓ ସାଂସଦ ପ୍ରାର୍ଥୀ ଦିଲୀପ ତିର୍କୀଙ୍କୁ ବିଜୟୀ କରିବାକୁ ପାଣ୍ଡିଆନ୍ ଅନୁରୋଧ କରିଥିଲେ। ଏହି ଅବସରରେ ସାଂସଦ ପ୍ରାର୍ଥୀ ଦିଲୀପ ତିର୍କୀ ଓ ରାଜଗାଙ୍ଗପୁର ବିଧାୟକ ପ୍ରାର୍ଥୀ ଅନିଲ ବରୁଆ ନିଜ ବକ୍ତବ୍ୟରେ ରାଜଗାଙ୍ଗପୁର ସମେତ ସମଗ୍ର ଜିଲ୍ଲାରେ ହୋଇଥିବା ବିକାଶଧାରା ବଜାୟ ରଖିବାକୁ ହେଲେ ଶଙ୍ଖ ଚିହ୍ନରେ ଭୋଟ ଦେଇ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ମଜଭୁତ କରିବା ପାଇଁ ଅନୁରୋଧ କରିଥିଲେ।

# ରାଉରକେଲାରେ ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନଙ୍କ ରୋଡ୍ ଶୋ' ମାଧ୍ୟମରେ ଶକ୍ତି ପ୍ରଦର୍ଶନ

















